PASSAGES
for
TRANSLATION

(with Hints and Instructions)

FIRST EDITION

PUBLISHED BY HARIHAR DAS.

for the Satyabadi School.

PRINTED BY H. K. DAS,
CHANDRODAYA PRESS,
CUTTACK.
1918.

Digitized by srujanika@gmail.com

Books by the Teachers of the Satyabadi School.

1. ପୁରୁଷୋତ୍ତମ ଦେବ (ନାଟକ) ... ... ଟ ୧।
2. ବାରବାଟୀ (ଇତିହାସ)... ... ଟ ୦ ।୵
3. ନଗେଲ ଭୁଲଂ (ଟେକ୍ସ୍ଟବୁକ୍ କମିଟିଦ୍ୱାରା ନବାଚିତ) ... ଟ ୦ ।୵
4. ପ୍ରବନ୍ଧ ପ୍ରବେଶ ... ... ଟ ୧ ।
5. Passages for Translation as 12.

Sole Agents

Students' Store, Satyabadi.
P. O. & Ry. Stn. Sakhigopal, B.N.R.

&

Chandrodaya Press,
Balubazar, P. O. Chandnichauk,
CUTTACK.

Digitized by srujanika@gmail.com

About the Compiling.

This is a new book in Orissa meant for higher class students of High Schools. The general method found in Bengali Translation books has not been followed in this. We suppose on this account the book will be more helpful to students. It embodies the class notes of our teachers who, it must be acknowledged, have taken great pains to make it suitable to them. It was found that our boys profited very much by the adoption of this plan. The boys were given the passages to translate ; and after they did so, hints and instructions were given to them. They corrected their work in the light of these hints and instructions and then submitted their paper to be looked over. As this plan of translation succeeded so well with our boys, our desire is that students who use this book will follow our plan and resist the temptation of turning to the hints before they have finished a passage.

Hints and instructions have been more copious on the earlier passages. The book, therefore, requires to be treated somewhat as a whole. And it is good that the passages are attempted in the order in which they have been placed in the book.

SATYABADI, Jan. 1st, 1918.

HARIHAR DAS,
Acharya, Satyabadi School.

Digitized by srujanika@gmail.com

PASSAGES

FOR

Translation.

ଦିନେ ଜଣେ ବଣିକ ଗୋଟିଏ ମେଳାରୁ ଫେରି ଘୋଡ଼ା ଚଢ଼ି ଘରକୁ ଯାଉଥିଲା । ବହୁତ ଗୁଡ଼ିଏ ଟଙ୍କା ତା'ପାଖରେ ଥିବାରୁ ତା ମନ ନିଃଶଙ୍କ ଥିଲା ବୋଲି କୁହାଯାଇ ପାରେ । ବାଟରେ ହଠାତ୍ ମେଘ ଘୋଡ଼ାଇ ଅନ୍ଧାର କରିଦେଲା ଏବଂ ମୂଷଳ ଧାରାରେ ବର୍ଷା ହେଲା । ବଣିକଟିର କ୍ଳେଶ ଓ ଅସୁବିଧା କି ଆଉ କଥାରେ କହିହେବ ? ମନେ ମନେ ସେ ବରଷାକୁ ବହୁତ ଗାଳି ଦେଲା ଏବଂ ଘୋଡ଼ାକୁ ଧୀରେ ଧୀରେ ଚଳାଇବାକୁ ଲାଗିଲା । କିଛିଦୂର ଏହିପରି ଯାଇଛି, ହଠାତ୍ ବିଜୁଳି ଆଲୁଅରେ ଗୋଟିଏ ଦୃଢ଼କାୟ ଲୋକ ତା ଆଖିରେ ପଡ଼ିଲା । ବିଜୁଳି ଚମକ ମାତ୍ରକରେ ସେ ଯାହା ଦେଖିଥିଲା ସେଥିରେ ବେଶ୍ ଜାଣି ପାରିଲା, ଲୋକଟି ବନ୍ଧୁକ ଧରି ତା ଆଡ଼କୁ ଲକ୍ଷ୍ୟ କରି ଆସୁଅଛି । ପୁଣି ବିଜୁଳି ଉପରେ ବିଜୁଳି ମାରିଲା ଏବଂ ବଣିକ ଦେଖିଲା, ବୋଧହୁଏ ବର୍ଷାରେ ବାରୁଦ ଓଦା ହୋଇ ଯାଇଥିବାରୁ ବନ୍ଧୁକଟି ଫୁଟୁ ନାହିଁ । ବିଭୁଙ୍କ ଇଚ୍ଛା ହେଲେ ବିଷ ମଧ୍ୟ ଅମୃତର କାର୍ଯ୍ୟ କରେ । ଏହି କଷ୍ଟଦାୟକ ବର୍ଷା ବି ଏବେ ବଣିକର ପ୍ରାଣରକ୍ଷାର କାରଣ ହେଲା ।

II

ବସନ୍ତକାଳରେ ପକ୍ଷିମାନେ ଗଛ ଡାଳରେ ବସି ମଧୁରଭାବରେ ଗାନ କରନ୍ତି । ପକ୍ଷିମାନଙ୍କର ସେ ସଙ୍ଗୀତ ତାନ ଶୁଣି କବିମାନେ ମୁଗ୍ଧ ହୋଇ-ଯାଆନ୍ତି । ପକ୍ଷିମାନଙ୍କ ଗାନରେ ମଧୁରତା ଥିଲାପରି ସାଧାରଣ ଲୋକଙ୍କ କାନକୁ କିନ୍ତୁ ଲାଗେ ନାହିଁ । କେଜାଣି ତାହାର ଭାଷାରେ କେତେ

Digitized by srujanika@gmail.com

ଚଢ଼େଇ ନାଚ ନାଚ ଧରିଆଣେ । ତାଙ୍କର ଗାନ ପ୍ରତି କଣ୍ଠରେ ମମତା ନ ଦେଖାଇ ତାଙ୍କୁ ନିର୍ଦ୍ଦୟ ଭାବରେ ମାରି ପକାଏ । କାଠ ଖଣ୍ଡେ ଖଣ୍ଡେ କାଟି କାଟି କାଠୁରିଆ ବଣରେ ଏଣେ ତେଣେ ବୁଲୁଥାଏ । ମୂହୂର୍ତ୍ତକପାଇଁ ସୁଦ୍ଧା ସେ ପକ୍ଷିମାନଙ୍କ ଗାନ ପ୍ରତି ମନ ଦିଏ ନାହିଁ । ଅତଏବ ଗାନରେ କୌଣସି ମଧୁରତା ନ ଥିଲପରି ଜଣାଯାଉଅଛି । ଗାନରେ ମଧୁରତା ଥିଲେ, ବୟସ ଓ ବ୍ୟବସାୟ ନିର୍ବିଶେଷରେ ଲୋକେ ଗାନ ଶୁଣିବା ମାତ୍ରକେ ମୁଗ୍ଧ ହୋଇ ଯାଉଥାନ୍ତେ । ଗାନରେ ଯାହା ମାଧୁର୍ଯ୍ୟ ଥିଲପରି ଜଣା ପଡ଼େ, ତାହା ପ୍ରକୃତରେ ଶୁଣିବା ଲୋକର କାନରେ । କବିର କାନ କେଳୁ କି କାଠୁରିଆର ଥିଲେ ସେ ମଧ୍ୟ ପକ୍ଷିର ଗାନରେ ମୁଗ୍ଧ ହେଉଥାନ୍ତା । ଯେଉଁମାନଙ୍କୁ ପକ୍ଷିର ଗାନ ପ୍ରୀତିକର ନୁହେଁ, ସେମାନେ ଅହା କି ହୀନ ପ୍ରାଣୀ ! ସଂସାରର ବିପୁଳ ସୌନ୍ଦର୍ଯ୍ୟ ଭଣ୍ଡାରରୁ ସେ ଏକାବେଳେକେ ବଞ୍ଚିତ । କବି କହନ୍ତି, "ଯେଉଁ ଲୋକର ସଙ୍ଗୀତ ପ୍ରତି ଆଦର ନାହିଁ, ସେ ପଶୁଠାରୁ ହୀନ, ପାଷାଣ ପରି ।"

III

ଗୋଟିଏ କୃଷକ ପରିବାରରେ କେତେ ଗୁଡ଼ିଏ ବାଳକ ବାଳିକା ଗୋଟିଏ ମାତାର ତତ୍ତ୍ୱାବଧାନରେ ବାସ କରୁଥିଲେ । ମା'ଟି ବଡ଼ ଚତୁର ଓ ଗୃହକର୍ମ କୁଶଳ । ପିଲାମାନଙ୍କୁ ଖାଇବାକୁ ଦେବ ବୋଲି ସର୍ବଦା ଫଳ, କୋଳି ଓ ଇକ୍ଷୁ ଉଖୁଡ଼ା ପ୍ରଭୃତି ମିଠା ଦ୍ରବ୍ୟ ସବୁ ସାଇତି ରଖିଥାଏ । ପ୍ରତିଦିନ ତାକୁ ଲାଗେ ଯେପରି କି ସାଇତା ଜିନିଷ ଭିତରୁ କିଛି କିଛି କିଏ ଚୋରାଇ ଖାଇ ଯାଉଛି । କିଛି ଦିନ ପରେ ସେ ଲକ୍ଷ୍ୟ କରି ଅନୁମାନ କଲା ଯେ, ପିଲାଙ୍କ ଭିତରୁ ଜଣେ କିଏ ସମ୍ଭବତଃ ଲୋଭ ସମ୍ଭାଳି ନ ପାରି ଏହା କରୁଅଛି । ଦିନେ ସେ ଗୁଡ଼ିଏ ଜାମୁ କୋଳି ରଖିଦେଇ ବାହାରକୁ ଚାଲିଗଲା । ଅଳ୍ପକ୍ଷଣ ପରେ ଫେରିଆସି ଦେଖିଲା ଜାମୁ କୋଳିରୁ କେତେ ଗୁଡ଼ିଏ ସେହି କ୍ଷଣି କିଏ ଖାଇଦେଇ ଯାଇଛି । ଯେଉଁ ପିଲାଟି ତାହା କରୁଥିଲା ତାକୁ ଧରି ଶାସ୍ତି

Digitized by srujanika@gmail.com

ଦେବା ଉଚିତ ବୋଲି ମନେ କରି, ସେ ସବୁ ପିଲାଙ୍କୁ ଏ[illegible] ଡାକି ବସାଇଲା । ଲକ୍ଷ୍ୟ କରି ଦେଖିଲା କାହାର ମୁହଁରେ, ହାତରେ [illegible] ଦେହରେ ଅନ୍ୟ କୌଣସିଠାରେ କୋଳି ଖାଇବାର ସଙ୍କେତ ନାହିଁ । ତହୁଁ ସେ କହିଲା, "ବଗିଚାରୁ କି ଯେ କୋଳି ଚୋରାଇ ଖାଇଚ, ତାକୁ ମୁଁ ଜାଣି ପାରୁ ନାହିଁ ? ଯେ ଖାଇଚ ତା ମୁଣ୍ଡରେ ଗୋଟିଏ ଗୋଟିଏ କୋଳି ଲାଗି ଯାଇଛି ।" ଏହା ଶୁଣି ଯେ ଖାଇଥିଲା ସେ ହଠାତ୍ ହାତ ବଢ଼ାଇ ମୁଣ୍ଡ ହରାଣ୍ଡି ଦେଲା । ମାତା ତାକୁ ଦଣ୍ଡ ଦେବାପାଇଁ ଧଇଲେ ଓ ଅନ୍ୟ ପିଲାମାନେ ହୋ ହୋ କରି ହସି ଉଠିଲେ ।

IV

ମୁଁ ଯେଉଁ ଆଦର୍ଶ ସାହିତ୍ୟର ବିଷୟ ପୂର୍ବେ କହିଅଛି, ତାହାର ତୁଳନାରେ ଓଡ଼ିଆ ସାହିତ୍ୟ ବହୁତ ପଛରେ ପଡ଼ିଅଛି । ଅଳ୍ପ ବୟସ୍କ ବାଳକ-ବାଳିକାମାନଙ୍କର ଉପଯୋଗୀ ପାଠ୍ୟ ପୁସ୍ତକ ଅତି ଅଳ୍ପ । ମାତ୍ର ସୁଖର ବିଷୟ କେଣେ ଦୁଇ ଜଣ ସାହିତ୍ୟସେବକ ଏ ବିଷୟରେ ମନୋଯୋଗ ଦେଇ ଅଛନ୍ତି ଏବଂ ମୁଁ ଆଶା କରେ ଯେମାନେ ଓଡ଼ିଆ ସାହିତ୍ୟର ଏହି ପ୍ରୟୋଜନୀୟ ଅଙ୍ଗର ପୁଷ୍ଟିସାଧନ କରିବାରେ ବଦ୍ଧ ହୋଇ ଓଡ଼ିଆ ଜାତିର ବହୁ ଉପକାର ସାଧନ କରିବେ । ଓଡ଼ିଆ ଭାଷାରେ ଇତିହାସ ଗ୍ରନ୍ଥ ନାହିଁ କହିଲେ ଚଳେ । (ଅନ୍ୟ ଜାତିର ଇତିହାସ ଦୂରେ ଥାଉ ନିଜ ଜାତିର ଇତିହାସ ମଧ୍ୟ ଓଡ଼ିଆ ସାହିତ୍ୟରେ ବିରଳ) । ଏକ ପ୍ରକାର କହିବାକୁ ଗଲେ, ଇତିହାସ ଆଜି ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟର ଅଙ୍ଗରୂପେ ଗୃହୀତ ହୋଇ ନାହିଁ । ଜୀବନ-ଚରିତର ଅବସ୍ଥା ଆହୁରି ଶୋଚନୀୟ । ଓଡ଼ିଆ ସାହିତ୍ୟରେ ମହାପୁରୁଷ-ମାନଙ୍କର ଜୀବନଚରିତ ନାହିଁ କହିବା ବାହୁଲ୍ୟ ମାତ୍ର । ଦୁଃଖର ବିଷୟ ପୃଥିବୀର ପ୍ରସିଦ୍ଧତମ ମହାକାବ୍ୟ ରାମାୟଣ ଓ ମହାଭାରତର ସମ୍ପୂର୍ଣ୍ଣ ଅନୁବାଦ ଓଡ଼ିଆ ଭାଷାରେ ଆଜି ପର୍ଯ୍ୟନ୍ତ ହୋଇ ନାହିଁ । ରାମାୟଣ ଓ ମହାଭାରତ ଓଡ଼ିଆ ଭାଷାରେ ଅଛି; ମାତ୍ର ତଦ୍ଵାରା ମୂଳ ଗ୍ରନ୍ଥର ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ

Digitized by srujanika@gmail.com

କଦାପି ଅନୁଭୂତ ହୋଇ ନ ପାରେ । କାବ୍ୟ ଗ୍ରନ୍ଥର ଅଭାବ ସ୍ୱର୍ଗୀୟ କବି ରାଧାନାଥଙ୍କ ଯତ୍ନରେ ବହୁ ପରିମାଣରେ ଦୂରୀଭୂତ ହୋଇଅଛି ବୋଲି ଅନେକଙ୍କର ମତ । ଉପନ୍ୟାସ ଓ ନାଟକ ଲେଖା ମଧ୍ୟ ଯାହା ଆରମ୍ଭ ହୋଇଅଛି, ତାହାର କ୍ରମୋନ୍ନତି ଆଶା କରାଯାଏ ।

V

ଜାଣ କି ପିଲେ, ତମେ ଯେମିତି ସାଙ୍ଗ ସୁଖ ହୋଇଅଛ, ବଣ ଜନ୍ତୁଙ୍କ ଭିତରେ କେତେ ସେହିପରି ଥିବାର ଦେଖାଯାଇ ଥାଏ ? ଜନ୍ତୁଙ୍କୁ ଘରେ ଆଣି ପାଳିଲେ ତ ସହଜରେ ସେମାନେ ସାଙ୍ଗ ସୁଖ ହୋଇ ଯାନ୍ତି । ଏ କଥା ତ ତମେ କେତେ ଦେଖିଥିବ, ତେବେ ଲକ୍ଷ୍ୟ କରିଚ କି ନା ମୁଁ କହି ପାରୁ ନାହିଁ । ଗୋଟିଏ କଥା ଶୁଣିବ, ମୁଁ ଆଖିରେ ଦେଖିଚି, ଏ କିଛି ଶୁଣା କଥା ନୁହେ । ମୁଁ ପ୍ରବାସରେ ଗୋଟିଏ ବସାରେ ଥରେ ହାତରେ ରୋଷେଇ କରି ଦିନେ ଖାଉଥିଲି । ସେ ବସାରେ ଗୋଟିଏ ବିଧବା ବୁଢ଼ୀ ଥାଏ । ସେ ଗୋଟିଏ ବିରାଡ଼ି ବଡ଼ ସ୍ନେହରେ ପାଳୁଥାଏ । ମୁଁ ବ୍ରାହ୍ମଣ ବୋଲି ଗୁଡ଼ାଏ ଚିଙ୍ଗୁଡ଼ି ଆଣି ଥୋଇ ଦେଇ, ବୁଢ଼ୀକି ଡାକି କହିଲି "ମାଉସି, ଟିକିଏ ମାଛକୁ ଚାହିଁ ଥିବଟି, ମୁଁ ଗାଧୋଇ ଆସେ ।" ସେଠାରୁ ସେ 'ଆସୁ ଆସୁ' ବୋଲି ବିରାଡ଼ିଟିକି ଡାକିଲା । ବିରାଡ଼ିଟି ଧାଇଁ ଆସି ଖୁସିରେ ଲାଙ୍ଗୁଡ଼ ହଲାଇ ଓଠ ଚାଟି ଚାଟି ତା ଗୋଡ଼ ପାଖେ ଲୋଟିଗଲା । ସେ ବୁଢ଼ୀ ବିରାଡ଼ିଟିକି ଆଣି ମାଛପାଖେ ଜଗାଇ ମତେ କହିଲା, "ବାପା, ଯାଅ, ଆଉ ମାଛ କେହି ଛୁଇଁବେ ନାହିଁ ।" ମୁଁ ତ ଅବାକ୍ । ସତକୁ ସତ ମୁଁ ଗାଧୋଇ ଆସିଲା ବେଳକୁ ବିରାଡ଼ିଟି ସେ ଠାରେ ମାଛ ଜଗି ବସିଛି । ଏତ ବିରାଡ଼ି ମାଛ ନ ଖାଇ ଜଗିବା କଥା । କଅଁଳା ମୂଷା ସଙ୍ଗେ ବିରାଡ଼ି ସାଙ୍ଗ ସୁଖ ହୋଇ ଏକା ଘରେ ରହିବାର ମୁଁ ଶୁଣିଚି । ସହରମାନଙ୍କରେ ଦେଖିଥିବ, କେତେ ଘରେ ବିରାଡ଼ି ଆଉ ପାରା ଏକାଠି ଖେଳୁଥାନ୍ତି । ଜୀବନରେ ସାଙ୍ଗ ସୁଖ ଖୋଜିବା ଜୀବର ଗୋଟିଏ ସ୍ୱାଭାବିକ ବୃତ୍ତି ।

Digitized by srujanika@gmail.com

VI

ସେ କାଳର ଅଯୋଧ୍ୟା ଦେଖିବାକୁ ବଡ଼ ସୁନ୍ଦର ଥିଲା । ଛାୟାରେ ଆବୃତ ପରିଷ୍କୃତ ପଥ, ନାନାଜାତି ଫୁଲରେ ମନୋହର ସୁନ୍ଦର ବଗିଚା ଏବଂ ବହୁମୂଲ୍ୟ ପଥରରେ ତିଆରି ସାତମହଲା ଅଟ୍ଟାଳିକାରେ ନଗରଟି ମଣ୍ଡିତ ଥିଲା । ସେ କାଳର ରାଜା ଦଶରଥ ପ୍ରଜାମାନଙ୍କୁ ଏପରି ସ୍ନେହ କରୁଥିଲେ ଯେ, ପ୍ରଜାମାନେ ଆପଣାକୁ ରାଜାଙ୍କର ପୁତ୍ର ପରି ଜ୍ଞାନ କରୁଥିଲେ । କିନ୍ତୁ ବଡ଼ ପରିତାପର ବିଷୟ ଏହିପରି ଗୁଣବାନ୍ ରାଜା ଦଶରଥଙ୍କର ଗୋଟିଏ ମାତ୍ର ସନ୍ତାନ ନ ଥିଲା । ରାଜା ଏଥିପାଇଁ ଅନେକ ସମୟରେ ଆହାର ନିଦ୍ରା ଛାଡ଼ି ଦିନରାତି ବସି ଭାବୁଥାନ୍ତି । ପ୍ରାଣରେ ଘୋର ଦୁଃଖ ଯେ ତାଙ୍କ ମୃତ୍ୟୁପରେ ଅଯୋଧ୍ୟାପ୍ରଜାମାନଙ୍କୁ ଆଉ କେହି ପୁତ୍ରପରି ପାଳନ କରିବ ନାହିଁ । ସନ୍ତାନପ୍ରତିମ ପ୍ରିୟ ପ୍ରଜାମାନେ ବିଦେଶୀର ଅତ୍ୟାଚାରରେ ପଡ଼ି ମହାଦୁଃଖ କ୍ଳେଶରେ କାଳ କଟାଇବେ । ଭାରତର ପ୍ରାଚୀନ ଯୁଗରେ ରାଜାମାନେ ବୁଝୁଥିଲେ, ଯେ ପ୍ରଜାଙ୍କର ସୁଖରେ ରାଜାଙ୍କର ସକଳ ସୁଖ । ପ୍ରଜାଙ୍କର ଟିକିଏ କଷ୍ଟ ହେଲେ ରାଜ୍ୟ ଶାସନରେ ଘୋର ଅଭାବ ଘଟିଲା । ସେହି ହେତୁରୁ ସେ ସମୟରେ ପ୍ରଜାମାନେ ବଡ଼ ରାଜଭକ୍ତ ଓ ବିଶ୍ୱାସୀ ଥିଲେ । ବର୍ତ୍ତମାନ ଅବଶ୍ୟ ପୂର୍ବ ପରି ଅଳ୍ପ ଲୋକଙ୍କ ଭିତରେ ଗୋଟିଏ ଗୋଟିଏ ପିତୃପ୍ରତିମ ରାଜା ନାହାନ୍ତି; ତଥାପି ଭାରତୀୟ ହିନ୍ଦୁମାନେ ପାରମ୍ପରିକ ପ୍ରଥାନୁସାରେ ରାଜାଙ୍କ ନାମ ଶୁଣିଲେ ନରଦେବତା ଜ୍ଞାନରେ ଭକ୍ତି କରି ଆସୁଅଛନ୍ତି ।

VII

ଅଶୋକ ପ୍ରାୟ ୩୭ ବର୍ଷ ରାଜତ୍ୱ କରିଥିଲେ । ଏହି ଅଳ୍ପ କାଳ ମଧ୍ୟରେ ସେ ସ୍ୱଦେଶ ଓ ବିଦେଶରେ ବୌଦ୍ଧ ଧର୍ମର ଶାନ୍ତିମୟ ମୈତ୍ରୀ ପ୍ରଚାର କରିବାରେ ଯାହା କରିଥିଲେ, ତାହା ପୃଥିବୀର ଇତିହାସରେ ଆଉ ପ୍ରାୟ ଦେଖାଯାଏ ନାହିଁ । ଏହି ଶାନ୍ତିମୟ ମୈତ୍ରୀର ପ୍ରଚାରପାଇଁ ସେ ଯାହା ସବୁ କରିଥିଲେ ତନ୍ମଧ୍ୟରୁ କେତେକ ଶିଳାଲିପି ଅଦ୍ୟାପି ରହିଅଛି ।

Digitized by srujanika@gmail.com

ଉଦାହରଣ ସ୍ୱରୂପ ଗୋଟିଏ ଶିଳାଲିପିର ମର୍ମ ଏଠାରେ ଦେଉଅଛୁଁ । ସେଥିର ଅନୁଶାସନରେ ଲେଖା ଅଛି, "ପିତା ମାତାଙ୍କୁ ମାନ୍ୟ କର, ବଡ଼ଠାରୁ ସାନ ସମସ୍ତ ପ୍ରାଣିମାନଙ୍କ ପ୍ରତି ଶ୍ରଦ୍ଧା ରଖ, ସତ୍ୟ କହ, ଏ ସବୁହିଁ ଧର୍ମର ପନ୍ଥା । ଛାତ୍ରମାନଙ୍କର ଶିକ୍ଷକମାନଙ୍କ ପ୍ରତି ଭକ୍ତି ଓ ଭୟ ଥିବା ଉଚିତ । ବିପଦଗ୍ରସ୍ତ, କି ମାନବ, କି ପଶୁ, କି ଇତର ପ୍ରାଣୀ ସମସ୍ତଙ୍କୁ ସାହାଯ୍ୟ ଦେଇ ବିପଦରୁ ଉଦ୍ଧାର କର ।" ଅଶୋକଙ୍କର ରାଜତ୍ୱ ଧର୍ମର, ସତ୍ୟର ଓ ସ୍ନେହର ରାଜତ୍ୱ ଥିଲା । ତାଙ୍କର ଧର୍ମ ରାଜତ୍ୱ ପ୍ରଭାବରେ ଅଧିକାଂଶ ଲୋକ ସ୍ୱତଃ ପ୍ରବୃତ୍ତ ହୋଇ ବୌଦ୍ଧଧର୍ମ ଗ୍ରହଣ କରିଥିଲେ । ତାଙ୍କର ନିଜ ପୁତ୍ର ଓ କନ୍ୟାମାନେ ବୌଦ୍ଧଧର୍ମରେ ଦୀକ୍ଷିତ ହୋଇ ଜଣେ ଜଣେ ଲଙ୍କାକୁ ଧର୍ମ ପ୍ରଚାର କରିବାକୁ ଯାଇଥିଲେ । ସେତେବେଳେ ସମସ୍ତ ଜଗତରେ ବୌଦ୍ଧ ହେବାର ଚହଳ ପଡ଼ିଯାଇଥିଲା । ଏଥିଯୋଗୁଁ ସେତେବେଳେ ଅଶୋକ ପୃଥିବୀରେ ସର୍ବତ୍ର ପରିଚିତ ହୋଇଥିଲେ ।

VIII

ରଘୁବର—ରାଣା, ଯେତେ ଦୂର ସମ୍ଭବ ଅମ୍ଭେମାନେ ଯୁଦ୍ଧ କରିଅଛୁଁ । ଆଉ ସମ୍ଭବ [illegible]

ରାଣା—ତା ନୁହେଁ, [illegible]ହର । ଅମ୍ଭେମାନେ ଯୁଦ୍ଧ କରିବା । କୌଣସି ବାଧାକୁ ଭ୍ରୂକ୍ଷେପ କରିବାକୁ ହେବ ନାହିଁ । ସୈନ୍ୟ ମଧ୍ୟ ସଜ୍ଜିତ ।

କେଶବ—ସୈନ୍ୟ କେଉଁଠି ରାଣା ? ସମସ୍ତ ମେବାର ଖୋଜି ପାଞ୍ଚ ସହସ୍ର ମାତ୍ର ସୈନ୍ୟ ପାଇବ କି ନାହିଁ ସନ୍ଦେହ । ଏଇଥି ସେନ କଣ ଲକ୍ଷ ସୈନ୍ୟଙ୍କ ସଙ୍ଗେ ଯୁଦ୍ଧ କରିବା ସମ୍ଭବ ?

ରାଣା—ଅସମ୍ଭବ କିଛି ନୁହେ । କେଶବ ରାଓ, ମୋର ପାଞ୍ଚ ସହସ୍ର ସୈନ୍ୟ ପାଞ୍ଚ ଲକ୍ଷ ।

ଜୟସିଂହ—ମହାରାଣା ଶୁଣନ୍ତୁ, ବର୍ତ୍ତମାନ ମୋଗଲଙ୍କ ସଙ୍ଗରେ ସନ୍ଧି କରିବାହିଁ ଶ୍ରେୟ ।

Digitized by srujanika@gmail.com

ରାଣୀ—ତା ହବ ନାହିଁ । ଯେତେବେଳେ ମୁଁ ସନ୍ଧି କରିବାକୁ ଇଚ୍ଛା କରିଥିଲି, ତୁମ୍ଭେମାନେ ଶୁଣିଲ ନାହିଁ । ସେତେବେଳେ ମୋଗଲ ସନ୍ଧି କରିବାକୁ କହୁଥିଲା । ସେ ଯୋଗ ବର୍ତ୍ତମାନ ଖସି ଗଲାଣି । ଏବେ ମାଗିକରି ମୋଗଲର ବନ୍ଧୁତା ଗ୍ରହଣ କରି ପାରିବ ନାହିଁ ।

କେଶବ—କାହୁଁ ।

ରାଣୀ—କଥା କହ ନାହିଁ । ଅନ୍ୟ କିଛି ଉପାୟ ନାହିଁ । ପ୍ରାଣ ଦେବାକୁ ହେବ । ଦେଶର ମଙ୍ଗଳପାଇଁ, ମାତୃଭୂମିର ଗୌରବ ରକ୍ଷାପାଇଁ ବର୍ତ୍ତମାନ ଜୀବନ ଉତ୍ସର୍ଗ କରିବାକୁ ହେବ । କଣ କହୁଛ ଗୋବିନ୍ଦ ସିଂହ ?

ଗୋବିନ୍ଦ—ହଁ ରାଣୀ, ଅମ୍ଭେମାନେ ବରଂ ପ୍ରାଣ ବିସର୍ଜନ କରିବୁଁ, ସମ୍ମାନ ହରାଇବୁଁ ନାହିଁ ।

ରାଣୀ—ଠିକ୍ କହୁଛ ଗୋବିନ୍ଦ ସିଂହ, ପ୍ରାଣ ହରାଇବୁ ପଛକେ, ମାନ ହରାଇବୁ ନାହିଁ ।

ରଘୁବର—ମହାରାଣୀ ।

ରାଣୀ—କୌଣସି କଥା ଶୁଣିବାକୁ ଇଚ୍ଛା କ[illegible]ହିଁ, ରଘୁବର । ଯୁଦ୍ଧ, ଯୁଦ୍ଧ, ଯୁଦ୍ଧ କରିବାକୁ ହେବ । ସୈନ୍ୟ ସଜାଅ, ମିବାରର ରକ୍ତ ଧ୍ୱଜା ଉଡ଼ାଅ । ଯାଅ, ସମସ୍ତେ ପ୍ରସ୍ତୁତ ହୁଅ ।

IX

କଲମ୍ବସ୍ ଆମେରିକା ଆବିଷ୍କାର କରି ଫେରିବାର ଅଳ୍ପ ଦିନ ପରେ ଦିନେ ପର୍ତ୍ତୁଗାଲର ରାଜା ଓ ରାଣୀ ତାଙ୍କୁ ଖାଇବାକୁ ନିମନ୍ତ୍ରଣ କଲେ । ସେହି ନିମନ୍ତ୍ରଣରେ କଲମ୍ବସଙ୍କୁ ସମ୍ମାନ ଦେଖାଇବାକୁ ହେବ ବୋଲି ରାଜ୍ୟର ବହୁ ପ୍ରଧାନ ଲୋକଙ୍କୁ ମଧ୍ୟ ନିମନ୍ତ୍ରଣ କରିଥିଲେ । ଖାଇବା ପୂର୍ବରୁ ସମସ୍ତେ ଏକାଠି ବସି ଆଳାପ କରୁଅଛନ୍ତି, ଏହିପରି ସମୟରେ ଜଣେ କହିଲେ,

Digitized by srujanika@gmail.com

"ଆମେରିକାଟା ଆବିଷ୍କାର କରିବା କଣ ଗୋଟାଏ ବଡ଼ କଥା ? ଯେ କୌଣସି ଲୋକ ଜାହାଜରେ ବରାବର ପଶ୍ଚିମକୁ ଯାଇଥିଲେ ଆମେରିକା ଆବିଷ୍କାର କରି ପାରି ନ ଥାନ୍ତେ କି ?" ରାଜା ରାଣୀ ଶୁଣିଲେ, କିଛି କହିଲେ ନାହିଁ । କଲମ୍ବସ୍ ବି କିଛି କହି ପାରିଲେ ନାହିଁ । ନିଜର ଗୌରବ ନିଜେ କହିବା ସଙ୍କୋଚର କଥା, ପୁଣି ଆମେରିକା ଆବିଷ୍କାର କରିବାରେ କିଛି ବିଶେଷତ୍ୱ ନାହିଁ, ଏ କଥା ତାଙ୍କୁ ସହ୍ୟ ହେଲା ନାହିଁ । ସେ ଗୋଟିଏ ଡିମ୍ବ ଧରି ହଠାତ୍ କହିଲେ, "ଆଚ୍ଛା ଏ ଡିମ୍ବଟି ଲମ୍ବା ଆଡ଼େ ସିଧା କରି କେହି ଟେବୁଲ ଉପରେ ଥୋଇ ଦେଇ ପାରିବେ କି ?" ସମସ୍ତେ ଶୁଣିଲେ, କେହି କେହି ମଧ୍ୟ ଚେଷ୍ଟା କଲେ, ମାତ୍ର ପାରିଲେ ନାହିଁ । ଶେଷରେ କଲମ୍ବସ୍ ଡିମ୍ବର ଗୋଟିଏ ମୁଣ୍ଡ ଭାଙ୍ଗି ଦେଇ ତାକୁ ଟେବଲ ଉପରେ ସିଧାକରି ରଖି ଦେଲେ । ଲୋକେ କହି ଉଠିଲେ, "ଯା କଣ ଆମେ ପାରି ନ ଥାନ୍ତୁ ?" ରାଣୀ କହିଲେ, "ତେବେ କଲ ନାହିଁ କାହିଁକି ?" ସମସ୍ତେ କଥାଟି ବୁଝି ଲାଜରେ ମୁଣ୍ଡ ନୁଆଇଁ ଦେଲେ ।

X

କୌଣସି ଗତିଶୀଳ ବସ୍ତୁ ବାଧା ପାଇଲେ ତାପ ଜାତ ହୁଏ । ସେହି ବସ୍ତୁର ଗତି ବେଶି ହେଲେ, ତାପ ମଧ୍ୟ ବେଶି ହେବାର କଥା । କିନ୍ତୁ କଳନା କରି ଦେଖା ଯାଇଅଛି, ଗତି ଯେ ପରିମାଣରେ ବେଶି ଥାଏ, ଉତ୍ପାଦିତ ତାପର ପରିମାଣ ତାହା ତୁଳନାରେ ବହୁତ ବେଶି ବଢ଼ି ଯାଏ । ଶୁଣା ଅଛି, ଗତିଶୀଳ ବସ୍ତୁ ଭିତରେ ପ୍ରଚ୍ଛନ୍ନ ଭାବରେ ଯେଉଁ ତାପ ଥାଏ ତାହା ଗତିର ବର୍ଗ ପରିମାଣରେ ବଢ଼େ । ଘର୍ଷଣ କିମ୍ବା ଆଘାତରେ ଗତି ହଠାତ୍ ବନ୍ଦ ହେଲେ ସେହି ତାପ ବାହାରି ପଡ଼େ । ଉଦାହରଣ ଦେଇ ବୁଝାଇ ଦେଲେ କଥାଟି ଭଲ ବୁଝାଯିବ । ମନେକର ଦୁଇଟି ବନ୍ଧୁକକୁ ଲକ୍ଷ୍ୟ କରି ଦୁଇଟି ଗୁଳି ମରାଗଲା । ଗୁଳି ଦୁଇଟି ସର୍ବତୋଭାବରେ ସମାନ ଏବଂ ଲକ୍ଷ୍ୟ ବାନ୍ଧ, ଦୁଇଟି ବନ୍ଧୁକ ମୁହଁଠାରୁ ଠିକ ସମାନ ସମାନ ଦୂରରେ ଅବସ୍ଥିତ । କେବଳ,

Digitized by srujanika@gmail.com

ପ୍ରଭେଦ ଏତିକି ଯେ ଗୋଟିଏ ଗୁଳିର ଗତିର ବେଗ ଅପର ଗୁଳିଟିର ଗତିର ବେଗର ଦୁଇ ଗୁଣ । ଅର୍ଥାତ୍ କୌଣସି ନିର୍ଦ୍ଦିଷ୍ଟ ପରିମାଣ ସମୟରେ, ଧର ଏକ ସେକଣ୍ଡରେ, ଗୋଟିଏ ଗୁଳି ଯେତେ ବାଟ ଯାଏ, ଅନ୍ୟ ଗୁଳିଟି ଠିକ ସେହି ସମୟରେ ତାହାର ଦୁଇ ଗୁଣ ବାଟ ଯାଏ । ଲକ୍ଷ୍ୟରେ ବାଜି ଗୁଳି ଦୁଇଟି ଗତିରେ ବାଧା ପାଇଲା ଏବଂ ତାପ ଜାତ ହେଲା । ସେହି ତାପକୁ ମାପିଲେ ଦେଖାଯିବ, ଗୋଟିକର ତାପ ଅନ୍ୟଟିର ଦୁଇ ଗୁଣ ନୁହେ, ଠିକ୍ ଚାରି ଗୁଣ । ଯେବେ ଗୋଟିଏ ଗୁଳିର ଗତି ଅନ୍ୟଟିର ତିନି ଗୁଣ ହୁଏ, ତେବେ ଗୁଳି ଓ ଲକ୍ଷ୍ୟର ଦୂରତା ପ୍ରଭୃତି ଆଉସବୁ ଆନୁଷଙ୍ଗିକ ଅବସ୍ଥା ସମାନ ଥିଲେ, ଅଧିକ ବେଗଶୀଳ ଗୁଳିରେ ଜାତ ହେବା ଉତ୍ତାପ ଅପରର ତିନି ଗୁଣ ନ ହୋଇ ନଅ ଗୁଣ ହେବ । ଏହିପରି ଗତି ଚାରି ଗୁଣ ହେଲେ ଉତ୍ତାପ ଷୋଳ ଗୁଣ ଏବଂ ଗତି ପାଞ୍ଚ ଗୁଣ ହେଲେ ଉତ୍ତାପ ପଚିଶ ଗୁଣ, ଏହି କ୍ରମରେ ଧରିବାକୁ ହେବ ।

XI

ସିକନ୍ଦର ପୃଥିବୀ ଜୟପାଇଁ ଅଭିଯାନ କରିବା ସମୟରେ ଆଫ୍ରିକା ଭିତରର ଗୋଟିଏ ସୁଶୀଳ ବଜନବାସିଲୋକଙ୍କ ଦେଶରେ ପହଞ୍ଚିଲେ । ସେ ଲୋକେ ତାଙ୍କୁ ଦେଶର ରାଜାଙ୍କ ପାଖକୁ ନେଇଯିବାରୁ, ରାଜା ସିକନ୍ଦରଙ୍କୁ ଅସଙ୍କୋଚିତ ସମ୍ମାନରେ ଗ୍ରହଣକଲେ, ଏବଂ ଆଗମନର ହେତୁ ପଚାରି ଜାଣିଲେ ଯେ, ସିକନ୍ଦର ସେମାନଙ୍କ ଆଚାର ବ୍ୟବହାର ଜାଣିବାକୁ ଇଚ୍ଛା କରି ସେଠାକୁ ଯାଇଅଛନ୍ତି । ତହୁଁ ସେ ରାଜା କହିଲେ, "ହଉ, ବଡ଼ ସୁଖର କଥା, ଆପଣ ଯେତେ ଦିନ ଇଚ୍ଛା ସେତେ ଦିନ ମୋର ସାମାନ୍ୟ ଆତିଥ୍ୟ ଗ୍ରହଣ କରି ମତେ ଅନୁଗୃହୀତ କରି ପାରନ୍ତି ।" ଏହି କଥାବାର୍ତ୍ତା ସରିଲା-ବେଳକୁ ଦୁଇ ଜଣ ପୁରବାସୀ ରାଜପ୍ରାସାଦରେ ପ୍ରବେଶ କଲେ । ସିକନ୍ଦର ଅନୁମାନ କଲେ, ସେହି ପ୍ରାସାଦହିଁ ବିଚାରାଳୟ ରୂପେ ବ୍ୟବହୃତ ହୁଏ । ଜଣେ ପୁରବାସୀ କହିଲା, "ଏହାଙ୍କଠାରୁ ମୁଁ ଖଣ୍ଡେ ଜମି କିଣିଥିଲି; ସେହି ଜମିରେ

Digitized by srujanika@gmail.com

ଗୋଟିଏ ପାଣିକାଳ ଖୋଳୁ ଖୋଳୁ ମୁଁ କେତେକ ଗୁପ୍ତ ଧନ ପାଇଛି । ସେ ଧନରେ ମୋର ସ୍ବତ୍ବ ନାହିଁ । ମୁଁ ଖାଲି ଜମି କିଣିବାପାଇଁ ବୃତ୍ତି କରି ମୂଲ୍ୟ ଦେଇଥିଲି । ଗୁପ୍ତ ଧନପାଇଁ ନୁହେ । ତଥାପି ଏ ଲୋକ ସେ ଧନ ନେବାକୁ ନାହିଁ କରୁଛି ।” ଦ୍ବିତୀୟ ଲୋକ ଉତ୍ତର ଦେଲା, “ଏ ମହାଶୟଙ୍କ ଧର୍ମଜ୍ଞାନ ପ୍ରଶଂସନୀୟ, ମାତ୍ର ମୋର ବି ତ ସାମାନ୍ୟ ଧର୍ମଜ୍ଞାନ ଅଛି । ଭଲା, ବିଚାର କରନ୍ତୁ, ମୁଁ ଭୂମି ବିକ୍ରି କଲାବେଳେ, ଭୂମି ସମ୍ବନ୍ଧୀୟ ତାବତୀୟ ବସ୍ତୁ ସମେତ ଭୂମି ବିକ୍ରି କରି ନାହିଁ କି ? ଭୂମିରୁ କିଛି ପାଇବାର ସ୍ବତ୍ବ ମୋର ଆଉ କାହିଁ ଅଛି ? ଭୂମିରୁ ଯେତିକି ଜିନିସ ମିଳିବ ବୋଲି ଜାଣିଥିଲି, ମୁଁ କିଛି ସେତିକି ସବୁ ବାକିଟିକି ମୋପାଇଁ ରଖି ନାହିଁ । ସୁତରାଂ ଏ ସମ୍ପତ୍ତି ବି ବିକ୍ରି ଭିତରେ ଯାଇଛି ।” ରାଜା ଟିକିଏ ଚିନ୍ତା କଲେ, ପରେ ପ୍ରଥମ ଲୋକକୁ କହିଲେ, “ଆଚ୍ଛା, ଭାଇ, ବୋଧ ହୁଏ ତୁମର ପୁଅ ଥିବ ।” ସେ କହିଲା, “ଆଜ୍ଞା, ହଁ ।” ଦ୍ବିତୀୟକୁ ଚାହିଁ ପଚାରିଲେ, “ତୁମର ଝିଅ ଅଛି ତ ?” ସେ ‘ହଁ’ କଲାରୁ ରାଜା କହିଲେ, “ଆଚ୍ଛା ତେବେ ଗୋଟିଏ କଥା କର, ତୁମର ପୁଅ, ତୁମର ଝିଅକୁ ବିଭା ହଉ । ଆଉ ତମେ ସେଇ ନବଦମ୍ପତିଙ୍କୁ ଏ ଗୁପ୍ତ ଧନ ଯୌତୁକ ଦିଅ ।” ଏ ବିଚାର ଶୁଣି ସିକନ୍ଦର ମୁହୂର୍ତ୍ତକପାଇଁ ହତବାକ୍ ନିଶ୍ଚଳ ହୋଇ ଗଲେ । ସମ୍ଭବତଃ ଏଥିରେ ତାଙ୍କ ନିଜ ଜାତୀୟ ସଭ୍ୟତାର ଅହଂକାର ଟିକିଏ ଶିଥିଳ ହୋଇଗଲା । ଯୁଧିଷ୍ଠିରଙ୍କ ଶାସନ ସମ୍ବନ୍ଧରେ ଆମ୍ଭ ଦେଶରେ ବି ଠିକ୍ ଏହିପରି କିମ୍ବଦନ୍ତୀ ଅଛି ।

XII

ଜାତି ବିଭାଗ ଆରମ୍ଭ ହେଲା ବେଳେ ଯାହା ଥିଲା, ଆଜି ତାହା ନାହିଁ । ଜାତି ସଙ୍ଗେ ବହୁତ କୁସଂସ୍କାର ମିଶି ବଂଶ ପରଂପରାରେ ଅଭ୍ୟସ୍ତ ହୋଇ ଧର୍ମଶାସ୍ତ୍ର ପରି ହୋଇଅଛି । ମାତ୍ର ସୁଖର କଥା, ଏ ଦୁର୍ଦ୍ଦିନ ପୂର୍ଣ୍ଣ ଦୂର ଯିବାର ଆଶା ହେଉଅଛି । ଲୋକେ ନିଜ ନିଜର ଦାୟିତ୍ବ ଓ ପ୍ରାଚୀନତା ବୁଝୁଅଛନ୍ତି । ପ୍ରାଚ୍ୟ ପାଶ୍ଚାତ୍ୟ ଭାବ ସମିଶ୍ରଣରେ ଆମ୍ଭମାନଙ୍କର ଅନେକ ନୂତନ

Digitized by srujanika@gmail.com

ଅଭାବ ପଡ଼ୁଅଛି, ଏବଂ ସେ ଅଭାବ ନିମନ୍ତେ କ୍ରମେ ଆମ୍ଭେମାନେ ପ୍ରସ୍ତୁତ ହେଉଅଛୁଁ । ସମସ୍ତେ ଜ୍ଞାନଲାଭ ଆଶାରେ ଅଗ୍ରସର ହେଉଅଛନ୍ତି । ଧର୍ମ ଧନ ରକ୍ଷା ନିମନ୍ତେ, କୁଳୀନ କୁଳରକ୍ଷା ନିମନ୍ତେ, ବ୍ୟବସାୟୀ ବ୍ୟବସାୟ-ରକ୍ଷା ନିମନ୍ତେ—ସମସ୍ତେ ଜ୍ଞାନର ଆଦର କରୁଅଛନ୍ତି । ଏହି ଜ୍ଞାନପିପାସାରେ ସଙ୍କୀର୍ଣ୍ଣ ସାମ୍ପ୍ରଦାୟିକ ଭେଦ ତୁଟି ଯାଉଅଛି । ଆଜ ଆଚାଣ୍ଡାଳ ସମସ୍ତେ ଏକ ବିଦ୍ୟାଳୟରେ ଅଧ୍ୟୟନ କରୁଅଛନ୍ତି । ଦେଶରେ ପୁଣି ଭାରତୀୟ ଆର୍ଯ୍ୟର ପ୍ରାଣ ପ୍ରସିଦ୍ଧ ସାର୍ବଜନୀନ ମୈତ୍ରୀବ୍ରତର ଉଦ୍ରେକ ହେଉଅଛି । ଭଗବାନଙ୍କ କୃପାରୁ ସେ ଦିନ ଆସିବ, ଯେବେ ପ୍ରତ୍ୟେକ ହିନ୍ଦୁସନ୍ତାନ ନିଜ ନିଜର ପ୍ରକୃତ ଧର୍ମ ଓ ସାମାଜିକତାର ଗୌରବ ହୃଦୟଙ୍ଗମ କରିବେ । ଦେଶ ଭକ୍ତ, ବୀର, ସେବକ, କବି ପଣ୍ଡିତରେ ପୂର୍ଣ୍ଣ ହେବ । ବ୍ରାହ୍ମଣ ପୁଣି ତାହାର ପବିତ୍ରତା, ଧର୍ମଭୀରୁତା, ଆତ୍ମସଂଯମ, ଦୟା, କ୍ଷମା, ଧୈର୍ଯ୍ୟ ପ୍ରଭୃତି ଦେବୋପମ ଗୁଣରେ ଭୂଷିତ ହୋଇ ହିନ୍ଦୁ ସମାଜର ଆଦର୍ଶ ବୋଲି ପରିଚିତ ହେବ । କ୍ଷତ୍ରିୟର ଧମନୀରେ ବୀରରକ୍ତ ପ୍ରବାହିତ ହେବ । ସମସ୍ତେ ନିଜ ନିଜର ସାଧୁ କର୍ମତତ୍ପରତା ଓ ମହା କର୍ତ୍ତବ୍ୟନିଷ୍ଠାରେ ଜାତିର ମୁକ୍ତି ଦେଖିବେ; ସମାଜରୁ ସମସ୍ତ କୁସଂସ୍କାର ସଂକୋଚ ଦୂର ହେବ, ଏବଂ ସମସ୍ତେ ଆର୍ଯ୍ୟ-ଜୀବନର ସେହି ସନାତନ ସାରସତ୍ତ୍ୱ ଓ ମହୀୟସୀ ଜୀବନୀଶକ୍ତିରେ ଉଜ୍ଜୀବିତ ହେବେ ।

XIII

ଏଠାକୁ କେତେବେଳୁଁ ଆସିଲଣି, କାହିଁ କାହାର ତ ଦେଖା ନାହିଁ । କଥା କରି ଏପରି ବେଳରେ ଦେଖା ନ ଦେବା ସମୟ ଜ୍ଞାନର ଅଭାବ ସୂଚନା କରେ । କାମବେଳେ କାମ, ବେଳ ଗଡ଼ିଗଲେ କିଏ ସୁଖରେ କାମ କରିବ ବା କରିଏ ? ପଶୁ ପକ୍ଷିମାନେ ପେଟ ପୂରାଇ ଖାଇବାକୁ ଦିନଯାକ କାମ କରି ବୁଲୁଥାନ୍ତି । ମଣିଷକୁ କଲ୍ପ ତର ବହୁତ । ଅନ୍ୟର ଶ୍ରମଲବ୍ଧ ଧନରେ ବଞ୍ଚିବାର ସୁବିଧା ଯେଉଁମାନଙ୍କର ଅଛି, ସେମାନଙ୍କ କଥା ଛାଡ଼ିଦିଅ । ସାଧାରଣ ଗୃହୀ ପଇସାର ମୂଲ୍ୟ ବ ଆଜ ଦୁଇ ଘଣ୍ଟା ମଠାଳ ଦେଉଛି ।

Digitized by srujanika@gmail.com

ସେ ବଞ୍ଚୁଛି, ସେ ଠକି ଦେଇ ପଇସା ନେଉଛି । କିନ୍ତୁ ଠକୁଛି କାହାକୁ ? ସିନେ ଠକ ଚୋରି ପଇସା ବେଶି ଲାଭ କରୁଛି ସତ, କିନ୍ତୁ ଏହି ଅଳସୀର ଅଭ୍ୟାସ ଓ ଠକିବାର ପ୍ରବୃତ୍ତି ତାହାର କି କ୍ଷତି କରୁଛି ତାହା ସେ ଜାଣି ପାରୁ ନାହିଁ । କେବଳ ଏହି କଥାରେ ନୁହେଁ, ଏହିପରି କେତେ କଥାରେ ମନୁଷ୍ୟ ଜାତି ସହିତ ଆପଣାର ସମ୍ବନ୍ଧ ଭୁଲିଯାଏ । ତାହାର କେଉଁ କାର୍ଯ୍ୟ-ଦ୍ୱାରା ତାହାର କି ଫଳ ହେବ ତାହା ସେ ବୁଝେ ନାହିଁ । ବୁଝିଥିଲେ ଠକିବା ଲୋକ ଜାଣନ୍ତା ଯେ, ସେ କେବଳ ନିଜକୁ ଠକୁଛି, ଏବଂ ଆପଣାର ପୁଅ ନାତିଙ୍କପାଇଁ ଠକିବା ବ୍ୟବସାୟଟିଏ ଖୋଲି ଦେଉଛି ।

XIV

ସମ୍ରାଟ ଦିଲୀପ ବଶିଷ୍ଠଙ୍କଦ୍ୱାରା ଉପଦିଷ୍ଟ ହୋଇ ପୁତ୍ରଲାଭ କାମନାରେ ସ୍ୱର୍ଗର [illegible]ପ୍ରତିନିଧିରେ ସୁରଭିକନ୍ୟା ନନ୍ଦିନୀଙ୍କ ସେବାରେ ନିଯୁକ୍ତ ହେଲେ । ତୁହିନଶିଖର ଗିରିରାଜ ହିମାଳୟର ଉପକଣ୍ଠ ବନଭୂମିରେ ବଶିଷ୍ଠଙ୍କ ଆଶ୍ରମ । ସେହିଠାରେ ଦିନେ ସକାଳେ ଯେତେବେଳେ ବାଳ ଭାନୁର କନକ କିରଣରେ ବୃକ୍ଷଲତାରାଜି ମଣ୍ଡିତ ହେଲା, ଭ୍ରମିତ ମାରୁତର ମୃଦୁ ହିଲ୍ଲୋଳରେ ସମସ୍ତ ବନ ଭୂମି ନବଜୀବନରେ ନାଚିଉଠିଲା, ବିହଙ୍ଗ-କୂଜିତ ବନଭୂମି ନାଦିତ କରି ଦୂର ପ୍ରାନ୍ତରରେ ପ୍ରସାରିତ ହେଲା, ସେତିକି ବେଳେ ଦିଲୀପ ନନ୍ଦିନୀଙ୍କୁ ବଣରେ ଚରିବାକୁ ଫିଟାଇଦେଲେ, ଏବଂ ଆପେ ସବୁଦିନ ପରି ଧନୁର୍ବାଣହସ୍ତରେ ଅନୁସରଣ କଲେ । ନନ୍ଦିନୀ ଯାଉଁ ଯାଉଁ କ୍ରମେ ଉପକଣ୍ଠର ଉଦ୍ୟାନୋପମ ରମଣୀୟ ବନ ଭେଦ କରି ଅଧିତ୍ୟକାର ନିବିଡ଼ ଅରଣ୍ୟାନୀରେ ପ୍ରବେଶ କଲେ । କି ଅଦ୍ଭୁତ ! ନିମିଷ ମଧ୍ୟରେ ଦିଲୀପ ଦେଖିଲେ ନନ୍ଦିନୀଙ୍କ ପିଠି ଉପରେ ଏକ ମହାକାୟ ସିଂହ । ମାତ୍ର ପଶୁରାଜର କରାଳ ରୂପ ଦେଖି ଡରି ଯିବାର ହୃଦୟ ଦିଲୀପଙ୍କର ନୁହେଁ । ନନ୍ଦିନୀଙ୍କୁ ଛାଡିଦେବାପାଇଁ ସିଂହକୁ ବହୁତ କହିଲେ । ସିଂହ କିନ୍ତୁ ସେଥିରେ କର୍ଣ୍ଣପାତ କଲା ନାହିଁ । ତହୁଁ ସେ ଶରାସନ ଉଠାଇ ଶରନିକ୍ଷେପର

Digitized by srujanika@gmail.com

ଉଦ୍ୟମ କରେ । ସହସା ଦେଖିଲେ ହାତ ଯେଉଁଠାରେ ସେହିଠାରେ, ଆଉ ଚଳନ୍ତ ନାହିଁ । କିନ୍ତୁ ନନ୍ଦନୀସେବାରେ ତ୍ରୁଟି ତ କେବଳ ତାଙ୍କ ପକ୍ଷେ ଅସହ୍ୟ ନୁହେଁ, ଏହା ପାପ । ପୁଣି ସିଂହକୁ ଅନୁନୟ କରି ସିଂହର ଅନୁମତି କ୍ରମେ ଯେତେବେଳେ ନତମସ୍ତକରେ ସିଂହର କ୍ଷୁଧାଶାନ୍ତି ନିମନ୍ତେ ନନ୍ଦନୀ ପରିବର୍ତ୍ତରେ ନିଜକୁ ଅର୍ପଣ କଲେ, ସେତେବେଳେ ଆଉ ସିଂହ ନାହିଁ । ସେ ଜାଣି ପାରିଲେ ଏ ସବୁ ମାୟା, ଏବଂ ଏହାର କାରଣ ସ୍ୱୟଂ ନନ୍ଦନୀ ।

XV

ଜାତୀୟ ଚରିତ୍ର ବ୍ୟକ୍ତିଗତ ଚରିତ୍ରର ଫଳ ବୋଲି ବୁଝାଯାଏ । ବ୍ୟକ୍ତିଗତ ଚରିତ୍ର ଶିଥିଳ ହେବା ସ୍ଥଳ ବିଶେଷରେ ସ୍ୱାଭାବିକ । କିନ୍ତୁ ଏହି ଶିଥିଳତା କ୍ରମେ ଅଭ୍ୟାସରେ ପଡିଗଲେ ଏବଂ ଏହି ଅଭ୍ୟାସକୁ କାଳ ଓ ଘଟଣା କ୍ରମେ ସମାଜ ସହିଗଲେ, ତାହାର ପରିଣାମରେ ଜାତିର ସର୍ବନାଶ ହୁଏ । ଜାତି ବୋଲି କିଛି ସ୍ୱତନ୍ତ୍ର ପଦାର୍ଥ ନାହିଁ । ବ୍ୟକ୍ତିର ସମବାୟ କେତେ ଗୁଡ଼ିଏ ସମାଜ ନୀତିରେ ଚଳିଲେ ତାହାକୁ ଜାତି ବୁଝାଯାଏ । ସେହି ନୀତି ବଳରେ ବ୍ୟକ୍ତି ବିଶେଷର ବ୍ୟତିକ୍ରମ ଦୋଷ ବୋଲି ଗୃହୀତ ହୁଏ, ଏବଂ ଏହିପରି ଦୋଷ ସମାଜରେ ଘୃଣିତ ହୁଏ । କିନ୍ତୁ ଏହି ସବୁ ଦୋଷ ଘୃଣିତ ନ ହୋଇ ସ୍ଥିତ ପଡିଗଲେ, ଏହା ମଧ୍ୟ ସମାଜର ନୀତିରେ ପରିଣତ ହୁଏ, ଏବଂ ସମାଜର ସର୍ବନାଶ ସାଧନ କରେ । ଆମ୍ଭ ଦେଶର ଜନସାଧାରଣ ଏ କଥା ଖୁବ ବୁଝୁଥିଲେ । କିନ୍ତୁ କାଳକ୍ରମେ ସେ ଜ୍ଞାନ ଲୋପ ପାଇଅଛି । ଶିକ୍ଷାର ବିସ୍ତାର ହେଲେ, ସେ ଜ୍ଞାନ ପୁଣି ଆସିବ । ଶିକ୍ଷା ସର୍ବଦା ସାମାଜିକ, ତାହା ମନୁଷ୍ୟକୁ ସମାଜଠାରୁ ପୃଥକ୍ କରି ରଖି ପାରେ ନାହିଁ । ଶିକ୍ଷା ପ୍ରଭାବରେ ସମାଜ ମଧ୍ୟରେ ମନୁଷ୍ୟ ଆପଣା ସ୍ଥାନ ଠିକ କରି ପାରେ, ଏବଂ ସେ ସ୍ଥାନରୁ ସମାଜ ପ୍ରତି ତାହାର କି କର୍ତ୍ତବ୍ୟ ଅଛି, ସେ ତାହା ଜାଣି ପାରେ । ତେଣୁ ଜନସାଧାରଣର ଶିକ୍ଷାପାଇଁ ସର୍ବଦା ପ୍ରସ୍ତୁତ ରହିବା ପ୍ରତ୍ୟେକ ଶିକ୍ଷିତ ଯୁବକର ଉଚିତ । ଆମ୍ଭମାନଙ୍କ ଜୀବନରେ ଏହାହିଁ ବିଧି, ଏହାହିଁ କର୍ତ୍ତବ୍ୟ ହେଉ ।

Digitized by srujanika@gmail.com

XVI

ସ୍କୁଲପାଠ୍ୟ ଭାରତଇତିହାସରେ ଗଜନୀର ମାହମୁଦଙ୍କ ବିଷୟ ପଢ଼ି ବାଳକମାନେ ତାଙ୍କୁ ବଡ଼ ରକ୍ତପିପାସୁ, ନିଷ୍ଠୁର ଓ ଲୋଭୀ ବୋଲି ବିଚାରୁଥିବେ । ଇତିହାସରେ ବହୁତ ସଦ୍‌ଗୁଣସମ୍ପନ୍ନ ମୁସଲମାନ ରାଜା ହିନ୍ଦୁମାନଙ୍କ ପ୍ରତି ଅଯଥା ବିଦ୍ୱେଷ କରି ଥିବାର ଦେଖାଯାଏ । ମାହମୁଦ ସେହି ପ୍ରକୃତିର ଜଣେ ମୁସଲମାନ ରାଜା ଥିଲେ । କିଂବଦନ୍ତୀ ଅଛି, ଦିନେ ଗଜନୀ ରାଜ୍ୟର ଗୋଟିଏ ବୁଢ଼ୀ ରାଜସଭାକୁ ଆସି ଅଭିଯୋଗ କଲେ, "ମହାରାଜ, ଗଜନୀରୁ ପାରସ୍ୟକୁ ଯିବା ବାଟରେ ମରୁଭୂମି ନିକଟରେ ଦସ୍ୟୁମାନେ ବଡ଼ ଉପଦ୍ରବ କରୁଛନ୍ତି । ସେମାନେ ମୋ ପୁଅକୁ ମାରି ମୋର ସବୁ ଧନଦ୍ରବ୍ୟ ଲୁଟି କରି ନେଇଗଲେ ।" ମାହମୁଦ ବୁଢ଼ୀ କଥା ଶୁଣି ବଡ଼ ଦୁଃଖିତ ହୋଇ କହିଲେ, "ବୁଢ଼ି, ତମ କଥାରେ ବହୁ ଦୁଃଖିତ ହେଲି ସତ, କିନ୍ତୁ ସେହି ସ୍ଥାନ ତ ରାଜଧାନୀରୁ ବହୁ ଦୂର ହେଲା, ମୁଁ ଏତେ ଦୂରରେ ଯାଇଁ ଦସ୍ୟୁ ମାନଙ୍କୁ କିପରି ଶାସନ କରିବି ?" ବୁଢ଼ୀ ଏହା ଶୁଣି ତତ୍‌କ୍ଷଣାତ୍ ଉତ୍ତର ଦେଲା, "ତେବେ ସୁଲତାନ ଯେତିକି ରାଜ୍ୟ ଉତ୍ତମରୂପେ ଶାସନ କରି ପାରିବେ, ସେତିକି ରଖି, ବାକୀତକ ଛାଡ଼ିଦେଉ ନାହାନ୍ତି କାହିଁକି ?" ମାହମୁଦ ଏହା ଶୁଣି ମୁହୂର୍ତ୍ତେ ଲଜ୍ଜାରେ ଅଧୋବଦନ ହେଲେ, ଏବଂ ଅନତି ବିଳମ୍ବରେ ଦସ୍ୟୁଦମନ ଓ ସୁଶାସନ ନିମନ୍ତେ ସେ ଅଞ୍ଚଳକୁ ବହୁ ସୈନ୍ୟ ଓ ସୁଯୋଗ୍ୟ ଶାସନକର୍ତ୍ତା ପଠାଇଲେ । ମାହମୁଦଙ୍କର ଭାରତୀୟ ଅଭିଯାନ ଓ ବିଶେଷତଃ ସୋମନାଥଲୁଣ୍ଠନ କଥା ବିଚାରିଲା ବେଳେ, ଏ ମହତ୍ତ୍ୱ ତାଙ୍କଠାରେ ଥିବ ବୋଲି କଳ୍ପନାକୁ ଆସେ କି ?

XVII

ମୁଁ ସେଦିନ ଗୋଟାଏ ବଡ଼ ବିଚିତ୍ର ସ୍ୱପ୍ନ ଦେଖିଥିଲି । ରାତି ସାଢ଼େନଅଟା ହୋଇଥିବ କି ନାହିଁ ଖାଇସାରି ମୁଁ ଶୋଇବାକୁ ଗଲି । ଦିନଯାକ କାମ କରି

Digitized by srujanika@gmail.com

କରି କ୍ଳାନ୍ତ ହୋଇଥିବାରୁ ଶେଜ ସୁଚିବା ମାତ୍ରେ ନିଦ ମାଡଅସିଲା । ସ୍ୱପ୍ନରେ ଦେଖିଲି ଗୋଟାଏ ଲୋକ ଅସି ମୋ ପାଖରେ ପ୍ରାୟ ୧୦୦ ହାତ ଦୂରରେ ଠିଆ ହୋଇଅଛି । ତାହାର ଡାହାଣ ହାତରେ ଗୋଟାଏ ବଡ଼ ସାପ ଓ ବାମ ହାତରେ ଗୋଟାଏ ତରବାରି । ସେ କନ୍ତୁକ୍ଷଣ ମୋ ଆଡ଼କୁ ଏକଦୃଷ୍ଟିରେ ଅନାଇଁ ରହିଲା । ତାହାର ମୁଖମଣ୍ଡଳ ଦେଖିବାକୁ ଏଡ଼େ ଭୟଙ୍କର ଯେ ମୁଁ ଚୁହିଁ ପାରିଲି ନାହିଁ । ତା ପରେ ହସି ହସି ସେ ସାପଟାକୁ ମୋ ଉପରେ ପକାଇ ଦେଇ ଖଣ୍ଡାରେ ମୋ ମୁଣ୍ଡ କାଟି ପକାଇବାକୁ ଉଦ୍ୟତ ହେଲା । ତାହା ଦେଖି ମୋ ମୁହଁରୁ ଆଉ କଥା ବାହାରିଲା ନାହିଁ କି ହାତଗୋଡ଼ ଚଳିଲା ନାହିଁ । ଶେଷକୁ ସାପଟା ମୋତେ ଚୁଟେ ମାରିଦେଲା ଏବଂ ସେ ଲୋକଟା ତତ୍‌କ୍ଷଣାତ୍ ମୋ ହାତରୁ ଖଣ୍ଡେ କାଟି ପକାଇଲା । ମୁଁ ହଠାତ୍ ଭୟବିହ୍ୱଳ ହୋଇ ଚିତ୍କାର କରି ଉଠି ଦେଖିଲି, ସେ ଲୋକଟି ପାଖରେ ନାହିଁ କି ସାପ ନାହିଁ । ମୋର ହାତ ଯେପରି ସେହିପରି ଠିକ୍ ଅକ୍ଷତ ରହିଅଛି । ପାଖରେ ସାପଟା ମଧ୍ୟ ଥିବାର କିଛି ଚିହ୍ନ ପାଇଲି ନାହିଁ । କିଛି-କ୍ଷଣ ପରେ ମୋର ସମସ୍ତ ଭୟ ଆଶଙ୍କା କ୍ରମଶଃ ଦୂର ହୋଇଗଲା । କିନ୍ତୁ ଏ ସ୍ୱପ୍ନ ଯେ କାହିଁକି ଦେଖିଲି ଭାବି ଭାବି କିଛି ଠିକ୍ କରି ପାରିଲି ନାହିଁ । ଶେଷରେ ସ୍ୱପ୍ନ ଗୁଡ଼ାକ ମିଥ୍ୟା ବୋଲି ମନକୁ ବୁଝାଇ ସ୍ଥିର କଲି ।

XVIII

ସମସ୍ତେ ବଜ୍ର ଶବ୍ଦ ଶୁଣି ଅଛନ୍ତି, ଶୁଣି ବେଳେ ବେଳେ ତ୍ରସ୍ତ ହୋଇ-ଅଛନ୍ତି । କିନ୍ତୁ ଜାଣ କି, ଯେଉଁ ବଜ୍ର କି ପଦାର୍ଥ ? ଏହା ଆକାଶସ୍ଥ ଓ ଅବନୀସ୍ଥ ଦୁଇଟି ତଡ଼ିତର ସଂଯୋଗ ମାତ୍ର । ବାୟୁ ସେହି ସଂଯୋଗରେ ବାଧା ଦେବାରୁ ତଡ଼ିତ୍‌ସ୍ରୋତ ବାୟୁରେ ବାଜି ଶବ୍ଦ ଜାତ କରେ ଏବଂ ସେହି ଘର୍ଷଣରେ ଯେଉଁ ନିଆଁ ବାହାରେ ତାହାହିଁ ବିଜୁଳି । କଳା ବିଲେଇ ଦେହରେ ଅନ୍ଧାର ଘରେ ପଣିମ ଲୁଗା ଘଷିଲେ ବିଜୁଳି ପରି ଆଲୋକର କ୍ଷଣିକ ସ୍ଫୁରଣ ଦେଖାଯାଏ । ତାହା ମଧ୍ୟ ସେହି ତଡ଼ିତ୍ ଆଲୋକ । ସବୁ

Digitized by srujanika@gmail.com

ପଦାର୍ଥରେ ତଡ଼ିତ୍ ଅଛି । ପୃଥିବୀ ନିଜେ ଏକ ତଡ଼ିତ୍ବାନ୍ ପଦାର୍ଥ । ଅସ୍ମ ଦେହରେ ମଧ୍ୟ ତଡ଼ିତ୍ ରହିଅଛି । ମାତ୍ର ଜଗତରେ ଦୁଇଟି ଭିନ୍ନପ୍ରକୃତିର ତଡ଼ିତ୍ ଅଛି । ପଦାର୍ଥମାନଙ୍କ ମଧ୍ୟରେ ଦୁହେଁ ଯାକ ମିଳିକରି ଥିବାରୁ ତାହାର ଅସ୍ତିତ୍ୱ ସ୍ପଷ୍ଟ ଜଣା ପଡ଼େ ନାହିଁ । ଘର୍ଷଣାଦି କ୍ରିୟାଦ୍ୱାରା ଏକ ପ୍ରକାର ତଡ଼ିତ୍କୁ ଅନ୍ୟଠାରୁ ଭିନ୍ନ କରି ଦିଆଯାଏ, ଏବଂ ସେମାନଙ୍କର ପୁନର୍ମିଳନ ବେଳେ ଶବ୍ଦ ଓ ସ୍ଫୁଲିଙ୍ଗର ବିକାଶ ହୁଏ । ପୃଥିବୀର ଓ ଆକାଶର ତଡ଼ିତ୍ ଏକ ପ୍ରକୃତିର ନୁହନ୍ତି । ତେଣୁ ଦୁହେଁ ସର୍ବଦା ମିଳିଯିବାକୁ ଯେପରି କି ଅପେକ୍ଷା କରନ୍ତି । ବାୟୁ ମଧ୍ୟରେ ସେମାନେ ମିଶି ପାରନ୍ତି ନାହିଁ । ଜଳ ବିନ୍ଦୁ ସେମାନଙ୍କ ମିଶିବା ପକ୍ଷରେ ସୁବିଧାଜନକ । ତେଣୁ ବାୟୁ ବୃଷ୍ଟିବିନ୍ଦୁରେ ଓଦା ହେଲେ, କିମ୍ବା ଅଧିକ ଜଳୀୟ ବାଷ୍ପରେ ଭାରାକ୍ରାନ୍ତ ହେଲେ, ବାୟୁର ବାଧା ଅତିକ୍ରମ କରି ତଡ଼ିତ୍ ଦୁହେଁ ମିଳିତ ହୁଅନ୍ତି, ଏବଂ ଆମ୍ଭେମାନେ ବିଜୁଳି ଦେଖୁଁ ଓ ବଜ୍ରଶବ୍ଦ ଶୁଣୁଁ । ତଡ଼ିତ୍ ଗୋଟିଏ ଶକ୍ତି-ମାତ୍ର, ଏଥିରେ ଇନ୍ଦ୍ରିୟଗ୍ରାହ୍ୟ କିଛି ନାହିଁ । ବିଜୁଳି ଆଲୁଅ ଓ ବଜ୍ର ଶବ୍ଦ ତଡ଼ିତ୍ କ୍ରିୟାରୁ ଜାତ । ଏହା ତଡ଼ିତ୍ ନୁହେଁ । ଆମେରିକାର ବେଞ୍ଜାମିନ ଫ୍ରାଙ୍କଲିନ ୧୮ଶ ଶତାବ୍ଦିର ମଧ୍ୟ ଭାଗରେ ତଡ଼ିତ୍ର ଏହି ତତ୍ତ୍ୱମାନ ପ୍ରଥମେ ଅବଧାରଣ କରିଥିଲେ ।

ବର୍ତ୍ତମାନ ଭାରତୀୟ ଦେଶୀଭାଷା ସବୁର ଶବ୍ଦମାଳା ତିନି ପ୍ରକାର ଶବ୍ଦରେ ଗଠିତ ହୋଇଅଛି । ପ୍ରଥମତଃ, କେତେକ ଶବ୍ଦ ପ୍ରାକୃତ ଭାଷାର ଶବ୍ଦମାନଙ୍କରୁ ରୂପାନ୍ତରିତ ଭାବରେ ବା ଅବିକଳ ସେହିପରି ଗୃହୀତ ହୋଇଅଛି । ସେ ସବୁ ଶବ୍ଦ ସଂସ୍କୃତ ଶବ୍ଦର ସମାନ ନୁହେ । ମାତ୍ର କେତେକ ପରିମାଣରେ ସେମାନଙ୍କର ସଂସ୍କୃତ ଶବ୍ଦମାନଙ୍କ ସଙ୍ଗେ ମେଳ ଅଛି । ପୁଣି ଶବ୍ଦ ମାଳାରେ ଅନେକ ଶବ୍ଦ ଅଛି, ସେମାନଙ୍କର ସଂସ୍କୃତ ବା ପ୍ରାକୃତ ସଙ୍ଗେ କୌଣସି ସମ୍ବନ୍ଧ ନାହିଁ । ଏମାନଙ୍କ ମଧ୍ୟରୁ ଅନେକ କୌଣସି ମୂଳ ପ୍ରାକୃତରୁ ଗୃହୀତ । ମାତ୍ର ସେ ସବୁ ପ୍ରାକୃତ ସଂସ୍କୃତ ପଣ୍ଡିତମାନଙ୍କ ଲେଖାରେ ନ ଥିବାରୁ ଏବଂ ଶୁଦ୍ଧ

Digitized by srujanika@gmail.com

ସଂସ୍କୃତ ସଙ୍ଗରେ ସେମାନଙ୍କର କୌଣସି ସମ୍ବନ୍ଧ ଦେଖା ନ ଯିବାରୁ ତାହା ପ୍ରଥମୋକ୍ତ ଶବ୍ଦମାନଙ୍କଠାରୁ ସ୍ୱତନ୍ତ୍ରରୂପେ ଗୃହୀତ ହୁଏ । ମାତ୍ର ଅଧିକାଂଶ ଦେଶଜ ଶବ୍ଦ ଯେ ଅନାର୍ଯ୍ୟ ଭାଷାଦରୁ ଗୃହୀତ ହୋଇଅଛି, ସେଥିରେ ସନ୍ଦେହ ନାହିଁ । ଏହି ଦୁଇ ଶ୍ରେଣୀର ଶବ୍ଦବ୍ୟତୀତ ଅନେକ ଶବ୍ଦ ଅଛି, ତାହା ଅବିକଳ ସଂସ୍କୃତରୁ ଗୃହୀତ । ସାଧାରଣ ଲୋକଙ୍କର .ବ୍ୟବହାର୍ଯ୍ୟ ଭାଷାରେ ଏହି ଶବ୍ଦମାନେ ପ୍ରାୟ ଦେଖାଯାନ୍ତି ନାହିଁ । ମାତ୍ର ଆଧୁନିକ ଲେଖକମାନେ ବହୁ ପରିମାଣରେ ଏହି ସବୁ ଶବ୍ଦ ବ୍ୟବହାର କରିବାକୁ ଆରମ୍ଭ କରିଅଛନ୍ତି । ଆଧୁନିକ ଭାଷାରେ ଏ ଶବ୍ଦମାନଙ୍କର ପ୍ରୟୋଗବାହୁଲ୍ୟ ଏତେ ଅଧିକ ଯେ, କେବଳ ଭାଷାର କ୍ରିୟା ଓ କାରକ ବିଭକ୍ତି ବଦଳାଇଦେଲେ ତାହା ସଂସ୍କୃତ ହୋଇଯିବ । ଦୁଃଖର କଥା ବର୍ତ୍ତମାନ ଲେଖକମାନେ ବୋଧହୁଏ ମନେ କରନ୍ତି ସାହିତ୍ୟର ଭାଷା ସମସ୍ତେ ବୁଝି ପାରିବା ଉଚିତ ନୁହେ ।

XX.

ସୌରଜଗତ କଅଣ, ସେଥିରେ ବିଭିନ୍ନ ଗ୍ରହ ଉପଗ୍ରହ ଧୂମକେତୁ ପ୍ରଭୃତି କିପରି ଥାଆନ୍ତି, ଏ ସବୁ କଥା ଅନେକେ ବୁଝି ନ ଥିବେ । ଅନନ୍ତ ଆକାଶରେ ଅସଂଖ୍ୟ ସୂର୍ଯ୍ୟ ରହିଅଛନ୍ତି । ଆମେ ଯେଉଁ ତାରା ଦେଖୁଁ, ସେ ସବୁ ଏକ ଏକ ସୂର୍ଯ୍ୟ । ଆମ ସୂର୍ଯ୍ୟ ତାହିଁ ମଧ୍ୟରୁ ଗୋଟିଏ । କେବଳ ନିକଟରେ ଥିବାରୁ ଏପରି ବଡ଼ ଓ ଉଜ୍ଜ୍ୱଳ ଦିଶୁଛି । ଏଠାରେ ନିକଟ କହିଲେ ବୁଝିବା ଦୁଷ୍କର । ତାରାମାନଙ୍କର ଦୂରତା କଳ୍ପନା କରି ହେବ ନାହିଁ । ଯେଉଁ ସୂର୍ଯ୍ୟ ଆମ ନିକଟରେ ଅଛି, ତାର ଦୂରତା ଏଠାରୁ ପ୍ରାୟ ପଚିଶ କୋଟି କୋଶ । ଗୋଟିଏ ରେଳଗାଡ଼ି ଘଣ୍ଟାକେ ପଚିଶ କୋଶ ଚାଲିଲେ, ପ୍ରାୟ ୨୪୦୦ ବରଷରେ ଯେତିକ ବାଟ ଚାଲନ୍ତା ସୂର୍ଯ୍ୟ ଏଠାରୁ ସେତିକ ଦୂରରେ ଅଛି । ପୃଥିବୀର କୌଣସି ଦୂରତା ସଙ୍ଗେ ଏହାର ତୁଳନା ହୋଇ ନ ପାରେ । ସେଇ ରେଳଗାଡ଼ି ଯେବେ ପୃଥିବୀରେ ଚାଲେ, ତେବେ କୋଡ଼ିଏ ଦିନ ଭିତରେ ଥରେ ପୃଥିବୀ ବୁଲି ଆସିବ । ଏଥିରୁ ଅନୁମାନ

Digitized by srujanika@gmail.com

କରୁଛ କି, ଏହି ପୃଥିବୀ କେତେ ଦୂରରେ ରହି ସୂର୍ଯ୍ୟ ଚାରିପାଖେ ବୁଲୁଛି ?। ଏହିପରି ଆଉ ନିକଟରେ ଓ ଦୂରରେ ପୃଥିବୀ ପରି କେତେ ସୂର୍ଯ୍ୟକୁ ବୁଲୁଛନ୍ତି । ପୃଥିବୀ ସୂର୍ଯ୍ୟ ଚାରିପାଖେ ଯେତିକି ଦୂରରେ ବୁଲୁଛି ତାହାର ଲକ୍ଷ ଲକ୍ଷ, କୋଟି କୋଟି ଗୁଣ ଦୂର ପର୍ଯ୍ୟନ୍ତ ସୂର୍ଯ୍ୟ ଚାରିପାଖେ ସୌର ଜଗତ ବସ୍ତୁ ଛଡ଼ା ଆଉ କିଛି ନାହିଁ । ଅନନ୍ତ ଆକାଶରେ ଏହି ସ୍ଥାନଟି ସୂର୍ଯ୍ୟର ଘର । ଏ ଘର ବାହାରେ ଆଉ ସୂର୍ଯ୍ୟ ଅର୍ଥାତ୍ ତାରାମାନଙ୍କ ସ୍ଥାନ । ସ୍ଥାନର ଏ ବିଶାଳତ୍ୱ କଳ୍ପନା କରିବା ସହଜ ନୁହେଁ ; ପାଞ୍ଚ କୋଶ ବାଟ ଚାଲିଗଲେ କେଡ଼େ ବଥା ଲାଗେ । ଏପରି ସ୍ଥଳରେ କୋଟିକୁ କୋଟିରେ ଗୁଣିଲେ ଯେତେ ହେବ, ସେତେ କୋଶ କିଏ କଳ୍ପନା କରି ପାରେ ? ଏ ଅନନ୍ତ ବିଶ୍ୱରେ ମାନବ କି କ୍ଷୁଦ୍ର, କି ଅକିଞ୍ଚିତ୍କର ! ତଥାପି ତାହାର କି ଅହଂକାର !

XXI

ଚତୁର୍ଥ ଶତାବ୍ଦୀର ପ୍ରାରମ୍ଭରେ ମଗଧରେ ଗୁପ୍ତବଂଶୀୟ ରାଜାଙ୍କର ରାଜତ୍ୱ ଆରମ୍ଭ ହେଲା । ସେହି ବଂଶରେ ତିନି ଜଣରୁ ବେଶି ରାଜା 'ଅଶ୍ୱମେଧ' ଯଜ୍ଞ ଅନୁଷ୍ଠାନ କରି ଥିବାର କଥିତ ଅଛି । ସେହି ବଂଶର ରାଜତ୍ୱ କାଳରେ ଭାରତର ସର୍ବବିଧ ଉନ୍ନତି ଚରମ ସୀମାରେ ଉପନୀତ ହୋଇଥିଲା । କାଳିଦାସ ଏହି ବଂଶର କୌଣସି ରାଜାଙ୍କର ସଭା ଅଳଂକୃତ କରିଥିବାର କେହି ପଣ୍ଡିତ ସ୍ଥିର କରୁଅଛନ୍ତି । ଭାରତର ନେପୋଲିଅନ ସମୁଦ୍ର ଗୁପ୍ତ ଏହି ବଂଶର ଦ୍ୱିତୀୟ ନରପତି ଥିଲେ । ଏହାଙ୍କଠାରେ ବୀରତ୍ୱ ଓ ପାଣ୍ଡିତ୍ୟ ସମଭାବରେ ବିକଶିତ ହୋଇଥିଲା । ସଙ୍ଗୀତ ବିଦ୍ୟାରେ ଏହାଙ୍କର ଅସାଧାରଣ ପାରଦର୍ଶିତା ଥିବାର ପ୍ରମାଣ ମିଳୁଅଛି । ଏହି ବଂଶର ରାଜତ୍ୱ-କାଳରେ ଶକମାନେ ଭାରତାକ୍ରମଣ କରିଥିଲେ । ସେମାନେ ବାରମ୍ବାର ପରାସ୍ତ ହୋଇ ଭାରତର ଉତ୍ତର ପଶ୍ଚିମ ଦ୍ୱାରରୁ ବିତାଡିତ ହୋଇଥିଲେ । ବର୍ତ୍ତମାନ କେହି କେହି ପଣ୍ଡିତ ସମୁଦ୍ର ଗୁପ୍ତଙ୍କ ପୁତ୍ର ଚନ୍ଦ୍ରଗୁପ୍ତ ବିକ୍ରମାଦିତ୍ୟ ଥିବାର ପ୍ରମାଣ କରୁଅଛନ୍ତି । ବିକ୍ରମାଦିତ୍ୟ ନାମରେ କୌଣସି ଏକ

Digitized by srujanika@gmail.com

ସ୍ୱତନ୍ତ୍ର ରାଜା ନ ଥିଲେ । ବିକ୍ରମାଦିତ୍ୟ କୌଣସି ପ୍ରବଳ ପରାକ୍ରାନ୍ତ ଓ ତେଜସ୍ୱୀ ନରପତିଙ୍କର ଉପାଧି ମାତ୍ର ଥିଲା । ପୁଣି, କାଳିଦାସଙ୍କ "ରଘୁବଂଶ"କୁ ଗୁପ୍ତବଂଶୀୟ ରାଜାମାନଙ୍କର କୀର୍ତ୍ତିକଳାପ ବର୍ଣ୍ଣନ ବୋଲି ପଣ୍ଡିତମାନେ ମନେ କରନ୍ତି । ଏହି ହିସାବରେ ଦେଖିଲେ, କାଳିଦାସଙ୍କୁ ୬ଷ୍ଠ ବା ୭ମ ଶତାବ୍ଦୀର କବି ବୋଲି ଆଉ କହି ହେବ ନାହିଁ । ସେ ବାସ୍ତବିକ ୪ର୍ଥ ଓ ପଞ୍ଚମ ଶତାବ୍ଦୀରେ ଗୁପ୍ତବଂଶୀୟ ପଣ୍ଡିତ ସଭାର ଅନ୍ୟତମ ସମୁଜ୍ଜ୍ୱଳ ରତ୍ନ ଥିଲେ ।

XXII

ବରଷା ଦିନ, ରାତି ଆସୁଛି । ବଣ ଭିତରେ ବାଟ ବଣା ହୋଇଗଲା ପରି ତାକୁ ଲାଗିଲା । ତାକୁ ଆଉ କିଛି ପନ୍ଥା ଦେଖା ଗଲା ନାହିଁ । ବଣ ବି ସରିବାକୁ ନାହିଁ । ଯେତେ ଚାଲିଲେ ପୁଣି ସେତିକି ପଡି ରହିଲା ପରି ଲାଗୁଛି । ଏଣେ ଆକାଶରେ ବହୁତ ମେଘ ଥିବାରୁ ଠିକ୍ ସୂର୍ଯ୍ୟ ଅସ୍ତ ହେଲା ବେଳକୁ ଯେପରି କି ସମସ୍ତ ପୃଥିବୀ ଘନ ଅନ୍ଧକାରରେ ବୁଡ଼ିଗଲା । ବାଟଘାଟ ଆଉ କିପରି ବା ଦେଖାଯିବ ? ବିଚାର କଲା ଗୋଟିଏ ଗଛ ଉପରେ ରାତି କଟାଇ ଦେବ । କିନ୍ତୁ ବିଚାରି ଦେଲେ ତ କିଛି ଗଛ ଉପରକୁ ବାହାରି ଯିବ ନାହିଁ । ଗଛ ମୂଳକୁ ଗଲେ ଗଛ ଚଢ଼ିବାକୁ ହେବ । ପାଦେ ଯେ ଆଗକୁ ଯିବାକୁ ସାହସ ହେଉ ନାହିଁ । ଯାହା ହେଉ, କିଛି କ୍ଷଣ ପରେ ଅନ୍ଧାରରେ ଧୀରେ ଧୀରେ ପଦକ୍ଷେପ ଆରମ୍ଭ କଲା । ଶଙ୍କାରେ ବିପଦ ବହୁତ । ଦୁଇ ଚାରି ପାହୁଣ୍ଡ ପକାଇଛି କି ନାହିଁ, ପାଦ ଗୋଟିଏ ଜୀବନ୍ତ ଲାଙ୍ଗୁଳରେ ପଡିଗଲା । ସେ ଯିମିତି ଗୋଡ଼ରେ ତା ବାରିଚ ତା ଗୋଡ଼ ଆଉ ଜମାରୁ ଚଳିଲା ନାହିଁ । ସେ ଯେ ଅଶଙ୍କା କରୁଥିଲା, କୌଣସି ଜୀବ ତା ଗୋଡକୁ ଧରି ପକାଇବ, ତାହାର ମଧ୍ୟ କୌଣସି ଚିହ୍ନ ଦେଖିଲା ନାହିଁ । ସେ ଏହିପରି ବିସ୍ମୟରେ ଅଭିଭୂତ ହେଲା ପରି କିଛି କ୍ଷଣ ରହିଛି, ହଠାତ୍ ଯେପରି କି ସେ ସବୁ ଭ୍ରମ ଦୃଶ୍ୟ କୁଆଡ଼େ ଉଭାଇ ଗଲା । ସେ ଦେଖିଲା, ସକାଳ ହୋଇଛି । ଭାବିଲା, ଏ କଣ ତେବେ ସ୍ୱପ୍ନ ।

Digitized by srujanika@gmail.com

XXIII

ଗୁରୁଭକ୍ତି ଅମ୍ଭମାନଙ୍କର ପ୍ରକୃତିଗତ ହୋଇ ଯାଇଅଛି । ଗ୍ରନ୍ଥ ପାଠରୁ ଅମ୍ଭମାନଙ୍କୁ ତାହା ଶିଖିବାକୁ ହୁଏ ନାହିଁ । ବାଳକମାନଙ୍କ ପଢ଼ିବା ପାଇଁ କଳ୍ପିତ ଇଂରେଜି ପୁସ୍ତକମାନଙ୍କରେ ପିତୃମାତୃ ଭକ୍ତି, ଭ୍ରାତୃ ସ୍ନେହ, ଜୀବେ ଦୟା ଏବଂ ଏହି ଭଳି ବିଷୟମାନଙ୍କରେ କେତେ ଉପଦେଶ ଲେଖା ଥାଏ । ତାହାର କାରଣ, ସେମାନେ ଉପଦେଶ ମୁଖରେ ଏ ସବୁ ଧର୍ମ ଶିଖନ୍ତି । ସେମାନଙ୍କ ପାରିବାରିକ ଓ ସାମାଜିକ ଜୀବନ ଅମ୍ଭମାନଙ୍କ ପାରିବାରିକ ଓ ସାମାଜିକ ଜୀବନଠାରୁ କିପରି ପୃଥକ୍, ତାହା ଏଥିରୁ ସହଜରେ ଅନୁମାନ କରାଯାଇ ପାରେ । ଏ ଦେଶରେ କଥା ଅଛି ପିତା ପ୍ରୀତ ଥିଲେ ଦେବତାମାନେ ସନ୍ତୁଷ୍ଟ ହୁଅନ୍ତି । କିନ୍ତୁ ସେ ଦେଶରେ ଦେବତାଙ୍କର ଅନୁଗ୍ରହ ବିନା ଲୋକ ପ୍ରାଣରେ ପିତା ମାତାଙ୍କ ପ୍ରତି ଅମ୍ଭ ଦେଶ ପରି ଭକ୍ତି ଜାଗେ ନାହିଁ । ଏହାର କାରଣ ଯେ, ସେ ଦେଶରେ ବ୍ୟକ୍ତିଗତ ସ୍ୱାଧୀନତାର ଭାବ ବଡ଼ ପ୍ରବଳ । ପ୍ରାଚ୍ୟ ପାଶ୍ଚାତ୍ୟ ଭାବର ଏ ଦ୍ୱନ୍ଦ୍ୱ ଯେଉଁମାନେ ବୁଝି ନାହାନ୍ତି, ସେମାନଙ୍କ ଯୁକ୍ତି ବୁଝିବା ସୁକଠିନ । ସେ ଦେଶରେ ପୁତ୍ର ସାବାଳକ ହେଲେ ପିତାର ଆଉ ତା ପ୍ରତି କିଛି କର୍ତ୍ତବ୍ୟ ନାହିଁ । ପୁତ୍ର ମଧ୍ୟ ବୃଦ୍ଧ ବୟସରେ ପିତାଙ୍କୁ ପୋଷିବା ପାଇଁ ନିଜ ଉପରେ କୌଣସି ବାଧ୍ୟ ବାଧକ ସମ୍ବନ୍ଧର ଦାୟିତ୍ୱ ଅଛି ବୋଲି ବିଚାରେ ନାହିଁ ।

XXIV

ମାନବ ମାତ୍ରକେ ସୁଖାଭିଳାଷୀ । ପୁଣି ସେହି ସୁଖସେବ୍ୟ ବସ୍ତୁ ରୁଚି, ଜ୍ଞାନ ଓ ଇଚ୍ଛାର ଭେଦରେ ଧନ, ଧର୍ମ, ବିଦ୍ୟା, ଯଶ, ସୁନାମପ୍ରଭୃତିର ପ୍ରଭୃତି ବିବିଧ ପ୍ରକାର । ଏ ଭଳି ଲୋକ ଦଳର ମଧ୍ୟ ଅଭାବ ନାହିଁ, ଯେଉଁମାନେ ମାଦକ ସେବନ ବା କଦର୍ଯ୍ୟ ଇନ୍ଦ୍ରିୟ ବିଳାସକୁ ସୁଖଲାଭର ପରାକାଷ୍ଠା ବୋଲି ଜ୍ଞାନ କରଥାନ୍ତି । ସେହି ସୁଖସେବ୍ୟ ପଦାର୍ଥ ଲାଭର ସହକାରୀ ଲୋକହିଁ ବନ୍ଧୁ ।

Digitized by srujanika@gmail.com

ନଟବର ବାବୁଙ୍କର ବିଶ୍ୱାସ, ଅର୍ଥ ଉପାର୍ଜନହିଁ ମାନବ ଜୀବନର ଏକମାତ୍ର ଲକ୍ଷ୍ୟ । ଅର୍ଥ ଯୋଗେ ଜଗତର ସମସ୍ତ ପ୍ରୟୋଜନ ସାଧିତ ହୁଏ । ଅର୍ଥହିଁ ସୁଖଲାଭର ଏକମାତ୍ର ଉପାୟ । ଶ୍ରୀ ନାୟକଙ୍କ ଗଣନାରେ ତାଙ୍କର ଧ୍ରୁବ ବିଶ୍ୱାସ । ପ୍ରତ୍ୟକ୍ଷ ବସ୍ତୁରେ କାହାର ବା ଅପ୍ରତ୍ୟୟ ଜାତ ହେବ ? ବଧୂଟି ସୁଲକ୍ଷଣା—ତାହାର ପଦସ୍ପର୍ଶ ପଡ଼ିବା ମାତ୍ରକେ ଅର୍ଥାଗମ, ଉଚ୍ଚପଦ, ସୁଖ, ସୌଭାଗ୍ୟ ଅବିଶ୍ରାନ୍ତ ଲାଭ ହେଉଛି । ଏଥିରୁ ସ୍ତ୍ରୀଠାରେ ନଟବର ବାବୁଙ୍କର ବିଶେଷ ସୁପ୍ରୀତି । ପକ୍ଷାନ୍ତରେ ନାଜରାଣୀ ନିତାନ୍ତ ଦରିଦ୍ରର କନ୍ୟା, ସୁଖ ସମ୍ଭୋଗରେ ନିତାନ୍ତ ଅପରିଚିତା, ଭଗ୍ନକୁଟୀରବାସିନୀ । ସହସା ଅଯାଚିତ ସୌଭାଗ୍ୟ—ଆଧିପତ୍ୟ ଲାଭରେ ଆତ୍ମବିସ୍ମୃତା ହୋଇ ତାଙ୍କ ମସ୍ତିଷ୍କ ବିଚଳିତ ହୋଇଗଲାଣି । ମନରେ କଲେ, କାହାଣୀରେ ସେ ଯେଉଁ ରଜା ରାଣୀ କଥା ଶୁଣିଥିଲେ, ବର୍ତ୍ତମାନ ସେ ଆପେ ସେହି ରାଣୀ ହୋଇଗଲେଣି । ଏହି ଯେ ରାଣୀତ୍ୱ ଲାଭ—କେବଳ ସ୍ୱାମୀ ସକାଶେ; ସୁତରାଂ ସ୍ୱାମିକୁ ସୁଖ ପାଇବାକୁ ହେବ । ଏହା କି ପବିତ୍ର ଦାମ୍ପତ୍ୟ ପ୍ରଣୟ ? ସ୍ତ୍ରୀ ପୁରୁଷ ମଧ୍ୟରେ ଯେଉଁ ପ୍ରଣୟ ପ୍ରୟୋଜନାପେକ୍ଷିତ, ଯେଉଁ ପ୍ରଣୟର ଅନ୍ତରାଳରେ କଦର୍ଯ୍ୟ ବୃତ୍ତିମାନ ପ୍ରଚ୍ଛନ୍ନ, ଯେଉଁ ପ୍ରଣୟ କୃତ୍ରିମତାର ଫଳ, ପ୍ରକୃତ ବିଶ୍ୱାସ ଯାହାର ଭିତ୍ତି ଭୂମି ନୁହେ, ତାହା ପ୍ରକୃତ ପବିତ୍ର ଦାମ୍ପତ୍ୟ-ପ୍ରେମ ନାମରେ ଅଭିହିତ ହୋଇ ନ ପାରେ ।

XXV

ପ୍ରଶାନ୍ତ—ତୁମ୍ଭେ କେବେ ବରଫ ଦେଖିଛ କି ?

ବାସନ୍ତୀ—ହଁ, ମୁଁ ଯେତେବେଳେ ବାପାଙ୍କ ସଙ୍ଗେ ଦାର୍ଜିଲିଙ୍ଗ ଓ ସିମଳା ପ୍ରଭୃତି ବୁଲିବାକୁ ଯାଇଥିଲି, ପ୍ରଚୁର ବରଫ ଦେଖିଛି । ବରଫର ଗୋଟେ ଗୋଟେ ପଡ଼ିଆ ଧଳା ହୋଇ ଭରିଅଛି ଦିଶୁଥାଏ । ପାଣି ମୁନ୍ଦାଏ ମାଠିଆଟିରେ ଥୋଇଦେଲେ ରାତି ପାଇଲା ବେଳକୁ ଜମିଯାଇ ବରଫ ହୋଇଯାଏ ।

Digitized by srujanika@gmail.com

ପ୍ରଶାନ୍ତ—ଅଚ୍ଛା, ଏତେ ବରଫ ଦେଖିଛ ତ, ବରଫ କାହିଁକି ହୁଏ କହିଲ ଦେଖି ! ଖାଲି ଦେଖିଲେ ଚଳିବ ନାହିଁ; କାରଣ ଜାଣି ରଖିବା ଦରକାର । ତାହା ନ ହେଲେ, ଖାଲି ଦେଖିବାରେ ଶିକ୍ଷା ହେଲା କଣ?

ବାସନ୍ତୀ—କଣ, ମୁଁ ଏହା ଜାଣେ ନାହିଁ ? ଖୁବ୍ ବେଶି ଥଣ୍ଡା ପାଇଲେ, ପାଣି ଜମାଟ ବାନ୍ଧିଯାଇ ବରଫ ହୋଇଯାଏ । ମୁଁ ବରଫର କାରଣ ପଚାରିଲା ବେଳେ ବାପା ଏହା କହି ମୋତେ ବୁଝାଇ ଦେଇଥିଲେ । ମୁଁ ତାପରେ ଆଉ ବେଶି କିଛି ତାଙ୍କୁ ପଚାରି ନାହିଁ; କି ସେ ଆଉ ମୋତେ ବେଶି କିଛି କହି ନାହାନ୍ତି । ଅମ୍ଭୁ କଣ ସମୟ ଥିଲା ଯେ, ଏତେ କଥା ବସି କଥାବାର୍ତ୍ତା ହୋଇଥାନ୍ତୁ ।

ପ୍ରଶାନ୍ତ—ବରଫ ଦେଖି କଣ ତୁମ୍ଭଙ୍କୁ କୌତୂହଳ ଲାଗିଲା ନାହିଁ ? ଭାରତବର୍ଷରେ ଅନ୍ୟ କୌଣସିଠାରେ ବରଫ ପ୍ରାୟ ମିଳେ ନାହିଁ; କେବଳ ହିମାଳୟ ପ୍ରଦେଶରେ ବରଫ ମନକୁ ହୁଏ । ତେବେ ଭାରତରେ ଅନ୍ୟାନ୍ୟ ବଡ଼ ବଡ଼ ସହରମାନଙ୍କରେ କୃତ୍ରିମ ଉପାୟରେ ବରଫ ତିଆର କରାଯାଏ । କଲିକତାରେ କେତେକ ବରଫ କାରଖାନା ଅଛି; କଟକ ବା ପୁରୀକୁ ଯେଉଁ ସବୁ ବରଫ ଆସିବାର ତୁମ୍ଭେ ଦେଖୁଛ, ସେ ସବୁ କଲିକତାରୁ ଆସେ । ତେଣୁ କଲିକତାରେ ବରଫ ଯେତେ ଶସ୍ତା, ଆଉ ଅନ୍ୟଠାରେ ନୁହେ । ଇଂଲଣ୍ଡ ପ୍ରଭୃତି ଶୀତପ୍ରଧାନ ଦେଶରେ ବରଫ ଆଉ ପଇସା ଦେଇ କିଣୁଛି କିଏ ? ସେମାନଙ୍କରେ ବରଫ ଯୋଗେ, ଲୋକେ ବେଳେ ବେଳେ ଘରୁ ଗୋଡ଼ କାଢ଼ି ପାରନ୍ତି ନାହିଁ ।

XXVI

ମେଘର ଗଠନ ବିଷୟ ଜନ ସାଧାରଣଙ୍କ ପ୍ରତି ଯେ ପରିମାଣରେ ସହଜ, ବୈଜ୍ଞାନିକମାନଙ୍କ ପ୍ରତି ସେହି ପରିମାଣରେ କଠିନ । ଜନ ସାଧାରଣଙ୍କର ଧାରଣା, ଇନ୍ଦ୍ରଙ୍କ ହାତ ଐରାବତ ତାହାର ଥୋଡ଼ପାହାର

Digitized by srujanika@gmail.com

ଦ୍ୱାରା ସମୁଦ୍ର ଉପରୁ ପାଣି ଟାଣି ନେଇ ପୃଥିବୀ ଉପରେ ଢାଳ ଦେଲେ ମେଘ ଓ ବର୍ଷା ହୁଏ । କିନ୍ତୁ ବିଜ୍ଞାନ ଚକ୍ଷୁରେ ଏହା ବୃଥା କଳ୍ପନା ମାତ୍ର— ସତ୍ୟର ଲେଶ ଆଭାସ ଏଥିରେ ନାହିଁ । ବହୁକାଳ ଅନୁସନ୍ଧାନ ପରେ ବୈଜ୍ଞାନିକମାନେ ସ୍ଥିର କରିଅଛନ୍ତି, ସୂର୍ଯ୍ୟ କିରଣଦ୍ୱାରା ଭୂମଣ୍ଡଳର ଜଳଭାଗ ଉପରକୁ ଅବିରତ ବାଷ୍ପରୂପେ ଉଠୁଅଛି । ଜଳୀୟ ବାଷ୍ପ ବାୟୁ ଅପେକ୍ଷା ହାଲୁକା ହୋଇଥିବାରୁ ଏହା ଜଳ ଉପରୁ ଏକାବେଳକେ ଉପରକୁ ଉଠିଯାଏ । ତୁମ୍ଭେମାନେ ଜାଣ ଉପରର ବାୟୁ ଭୂପୃଷ୍ଠ ସନ୍ନିହିତ ବାୟୁ ଅପେକ୍ଷା ଅଧିକ ପତଳା ଓ ଶୀତଳ । ସୁତରାଂ, ଯେଉଁ ଜଳୀୟ ବାଷ୍ପ ଭୂପୃଷ୍ଠରୁ ଉପରକୁ ଉତ୍ଥିତ ହୁଏ, ଉପରର ଅପେକ୍ଷାକୃତ ଥଣ୍ଡା ବାୟୁ ସଂସର୍ଗରେ ଆସି କ୍ରମେ ଶୀତଳ ହୋଇଆସେ । ଶୀତଳ ହେବା ସଙ୍ଗେ ସଙ୍ଗେ ଉକ୍ତ ବାଷ୍ପ କ୍ରମେ ଘନୀଭୂତ ହୋଇ ଅତି କ୍ଷୁଦ୍ର କ୍ଷୁଦ୍ର ଜଳବିନ୍ଦୁରେ ପରିଣତ ହୁଏ । ତୁମ୍ଭେମାନେ ଶୀତଦିନ ପ୍ରଭାତମାନଙ୍କରେ କୁହୁଡ଼ି ଚତୁର୍ଦ୍ଦିଗ ବ୍ୟାପି ରହିଥିବାର ଦେଖିଥିବ । ସେହି କୁହୁଡ଼ିରେ କ୍ଷୁଦ୍ର କ୍ଷୁଦ୍ର ଜଳବିନ୍ଦୁ ପବନରେ ଭାସୁଥିବାରୁ କୁହୁଡ଼ି କଳା ଦେଖାଯାଏ । ମେଘ ସେହିପରି କ୍ଷୁଦ୍ର କ୍ଷୁଦ୍ର ଜଳବିନ୍ଦୁର ସମଷ୍ଟି ହୋଇଥିବାରୁ ଦୂରତାବଶତଃ ଅହୁରି ଗାଢ଼ କୃଷ୍ଣବର୍ଣ୍ଣ ଦେଖାଯାଏ । ଏହି ଜଳବିନ୍ଦୁ ଗୁଡ଼ିକ ଯଥେଷ୍ଟ କ୍ଷୁଦ୍ର ଥିବାଯାଏ; ତାହା ବାୟୁ ଉପରେ ଭାସି ରହିପାରେ । କିନ୍ତୁ କ୍ରମେ ଶୈତ୍ୟର ଆଧିକ୍ୟ ହେଲେ ଉକ୍ତ କ୍ଷୁଦ୍ର କ୍ଷୁଦ୍ର ଜଳବିନ୍ଦୁ ଗୁଡ଼ିକ ପରସ୍ପର ସହିତ ଲାଗିଯାଇ, ବଡ଼ ବଡ଼ ଜଳବିନ୍ଦୁରେ ପରିଣତ ହୁଏ । ଏତେବେଳେ ବାୟୁ ଆଉ ସେ ଗୁଡ଼ିକ ଉପରେ ରଖିପାରେ ନାହିଁ; ବର୍ଷାକାଳରେ ସେ ଗୁଡ଼ିକ ଭୂପୃଷ୍ଠକୁ ଗଳିପଡ଼େ ।

XXVII

କୋଣାର୍କର ପତନ ସମ୍ବନ୍ଧରେ ଗୋଟିଏ ବଡ଼ ରହସ୍ୟମୟ କିମ୍ବଦନ୍ତୀ ନାନାସ୍ଥାନରେ ପ୍ରଚଳିତ ଥିବାର ଶୁଣାଯାଏ । କୋଣାର୍କ ବଡ଼ ଦେଉଳର

Digitized by srujanika@gmail.com

ମସ୍ତକରେ ଗୋଟିଏ ବୃହତ୍ କୁମ୍ଭପଥର ବା ଚୁମ୍ବକ ସ୍ଥାପିତ ହୋଇଥିଲା । ନାବିକ ସିନ୍ଧାବାଦଙ୍କର ପାହାଡ଼ପରି, ଉକ୍ତ ଚୁମ୍ବକ ନିକଟବର୍ତ୍ତୀ ସମୁଦ୍ରରେ ଯାଉଥିବା ଜାହାଜମାନ ଟାଣିଆଣି କୂଳରେ ପକାଇ ଦେଉଥିଲା । ଏହିରୂପେ ବହୁତ ନାବିକ ଜାହାଜ ହରାଇ ନିତାନ୍ତ ବ୍ୟତିବ୍ୟସ୍ତ ହେଉଥିଲେ; ଏବଂ କୋଣାର୍କ ନିକଟବର୍ତ୍ତୀ ସମୁଦ୍ରରେ ଜାହାଜ ଚଳାଇବା ବଡ଼ ବିପଦଜନକ ମଣୁଥିଲେ । କେତେ ଜାହାଜ ଗଲା ପରେ, ମୋଗଲ ରାଜତ୍ୱରେ ଜଣେ ମୁସଲମାନ ନାବିକ ଜାହାଜ ନେଇ ସମୁଦ୍ରରେ ଯାଉଥିଲା । ଉକ୍ତ ନାବିକ ବ୍ୟତୀତ ସେ ଜାହାଜରେ ବହୁତ ମୁସଲମାନଯାତ୍ରୀ ଥିଲେ । କୋଣାର୍କରେ କୁମ୍ଭ ପଥର ଦ୍ୱାରା ଆକୃଷ୍ଟ ହୋଇ ସେହି ଜାହାଜ କୂଳରେ ଟାଣି ହୋଇ ପଡ଼ିଲା । ନାବିକ ଓ ଯାତ୍ରୀମାନେ ଜାହାଜକୁ ଚଡ଼ାରୁ ଉଦ୍ଧାର କରିବାର ବହୁ ଚେଷ୍ଟା କଲେ; କିନ୍ତୁ ଶେଷରେ ଉପାୟାନ୍ତର ନ ଦେଖି, ଏବଂ କୋଣାର୍କର ଚୁମ୍ବକଦ୍ୱାରା ଏତେ ଖୁବ୍ କ୍ଷତି ହେଉଥିବାର ଜାଣି, ସେହି ଚୁମ୍ବକ ନେଇଯିବାପାଇଁ କୂଳରେ ଓହ୍ଲାଇଲେ । ସମୁଦ୍ର କୂଳରୁ ଲୁଚି ଲୁଚି ଯାଇ ସେମାନେ କୋଣାର୍କର ସୁରମ୍ୟ ଓ ବିରାଟ ମନ୍ଦିର ଆକ୍ରମଣ କଲେ । ସଂଖ୍ୟାରେ ବହୁତ ଥିବାରୁ ଅବରୋଧକାରିମାନେ କୋଣାର୍କ ବଡ଼ ଦେଉଳକୁ ଏକାବେଳକେ ଭୂମିସାତ୍ କରି ଉକ୍ତ ଚୁମ୍ବକ ଅପହରଣ କରି ନେଲେ । ଏହାପରେ ଆଉ ମନ୍ଦିର ନିର୍ମାଣ କରାଗଲା ନାହିଁ; ଏବଂ ଦେବପ୍ରାଣ ପଣ୍ଡାମାନେ ସୂର୍ଯ୍ୟ କୋଣାର୍କର ପୀଠ ଦେବତା ସୂର୍ଯ୍ୟନାରାୟଣ ଦେବଙ୍କୁ ପୁରୀକୁ ନେଇ ଆସି ଇନ୍ଦ୍ରଙ୍କ ମନ୍ଦିରରେ ସ୍ଥାପନ କଲେ । ପୁରୀ ବେଢ଼ା ମଧ୍ୟରେ ଜଗନ୍ନାଥ ମନ୍ଦିରର ଉତ୍ତରକୁ ଗୋଟିଏ କ୍ଷୁଦ୍ର ମନ୍ଦିର ମଧ୍ୟରେ ଦୁଇଟି ଦେବମୂର୍ତ୍ତି ଅଗପଛ ହୋଇଥିବାର ଦେଖାଯାଏ । ସମ୍ମୁଖ ମୂର୍ତ୍ତିଟି କୋଣାର୍କର ସୂର୍ଯ୍ୟନାରାୟଣ ମୂର୍ତ୍ତି । ତାହାଙ୍କ ନାମାନୁସାରେ ଉକ୍ତ ମନ୍ଦିରଟି ବର୍ତ୍ତମାନ ଆଉ ଇନ୍ଦ୍ରମନ୍ଦିର ବୋଲି କୁହା ନ ଯାଇ ସୂର୍ଯ୍ୟମନ୍ଦିର ନାମରେ ପରିଚିତ ହୁଏ ।

Digitized by srujanika@gmail.com

XXVIII

ଚୀନ ପରିବ୍ରାଜକ ହୁଏନସାଂ ଖ୍ରୀଷ୍ଟ ସପ୍ତମ ଶତାବ୍ଦିର ମଧ୍ୟଭାଗରେ ଏ ଦେଶକୁ ଆସିଥିଲେ । ସେ ୧୬ ବର୍ଷକାଳ ଏ ଦେଶରେ ରହି ନାନାସ୍ଥାନ ଓ ଲୋକଙ୍କର ଆଚାର ବ୍ୟବହାର ଭଲ କରି ଦେଖିଥିଲେ । ସେ ଆସିବା ସମୟରେ ମଗଧ ବଡ଼ ସମୃଦ୍ଧିଶାଳୀ ରାଜ୍ୟ ଥିବାର ତାହାଙ୍କର ଭ୍ରମଣ ବୃତ୍ତାନ୍ତରୁ ଜଣାଯାଏ । ନାଳନ୍ଦ ନାମରେ ଗୋଟିଏ ପ୍ରକାଣ୍ଡ ବିଶ୍ୱବିଦ୍ୟାଳୟ ପୂର୍ବଭାରତର ବିଦ୍ୟାକେନ୍ଦ୍ର ଥିଲା । ଫଳେ ହୁଏନସାଂ ନାଳନ୍ଦ ବିଶ୍ୱବିଦ୍ୟାଳୟରେ କେତେକ ବର୍ଷ ପାଲି ଓ ସଂସ୍କୃତରେ ହିନ୍ଦୁ ଓ ବୌଦ୍ଧ ଶାସ୍ତ୍ରମାନ ଅଧ୍ୟୟନ କରି ପ୍ରଭୂତ ଜ୍ଞାନ ପାଇଥିଲେ । ଭାରତରେ ସେ ଯାହା ଦେଖିଥିଲେ, ତାହାର ବିବରଣ ଚୀନ ଭାଷାରେ ଲେଖି ଯାଇଥିଲେ; ଏବଂ ତାଙ୍କର ସେହି ଲେଖା ସବୁ ଅଦ୍ୟାପି ଚୀନ ଦେଶରେ ସୁରକ୍ଷିତ । ଇତିହାସଜ୍ଞ ପଣ୍ଡିତମାନେ ଆଜିକାଲି ସେହି ସବୁ ଲେଖା ପଢ଼ି ଭାରତର ତତ୍କାଳୀନ ରାଜନୈତିକ, ସାମାଜିକ ଓ ଧର୍ମଜୀବନ ବିଷୟକ ଅବସ୍ଥା ସମ୍ବନ୍ଧରେ ବହୁ ଜ୍ଞାତବ୍ୟବିଷୟ ପୃଥିବୀରେ ପ୍ରଚାର କରୁଅଛନ୍ତି । ବାସ୍ତବିକ ଏହିପରି ବୈଦେଶିକମାନଙ୍କର ଭାରତସମ୍ବନ୍ଧୀୟ ଲେଖା ଭିନ୍ନ ଦେଶ-ମାନଙ୍କରୁ ମିଳି ନ ଥିଲେ, ଭାରତର ପ୍ରାଚୀନ ଇତିହାସ ଅତିଅଳ୍ପ ମାତ୍ର ଜଣାପଡ଼ନ୍ତା । କାବ୍ୟ ପୁରାଣ ପ୍ରଭୃତିରେ ଭାରତବାସୀ ବହୁତ ଐତିହାସିକ ସତ୍ୟ ଲେଖିଯାଇଛନ୍ତି ସତ୍ୟ, ମାତ୍ର ଇତିହାସ ଲେଖିବାପାଇଁ ସେମାନେ କୌଣସି ଗ୍ରନ୍ଥ ଲେଖିଥିବାର ଜଣାନାହିଁ । ସୁତରାଂ, ଭାରତର ପ୍ରାଚୀନ ରାଜନୈତିକ ଓ ସାମାଜିକ ଅବସ୍ଥା ସଂବନ୍ଧରେ ବହୁତ ଜ୍ଞାତବ୍ୟ-ବିଷୟ ହୁଏନସାଂ ପ୍ରଭୃତି ବୈଦେଶିକ ଭ୍ରମଣକାରୀମାନଙ୍କର ଭ୍ରମଣ ବୃତ୍ତାନ୍ତମାନଙ୍କରୁ ଜଣାଯାଏ । ହୁଏନସାଂ କେବଳ ନୁହନ୍ତି, ଫାହିୟାନ, ଅଲ୍‌ବିରୁଣୀ, ବର୍ଣ୍ଣିଅର ପ୍ରଭୃତି ପର୍ଯ୍ୟଟକମାନେ ଭିନ୍ନ ସମୟରେ ଏ ଦେଶକୁ ଆସି ସେମାନଙ୍କ ଲେଖା ଦ୍ୱାରା ଏ ଦେଶର ପ୍ରଭୂତ ଉପକାର ସାଧନ କରିଅଛନ୍ତି ।

Digitized by srujanika@gmail.com

XXIX

ଲୋକନାଥ—ଆଜି ତୁ କଅଣ ପାଇଲୁ ଭାଇ ?

ସୋମନାଥ—ଆଜି କିଛି ପାଇଲି ନାହିଁ । ବଡ଼ ଶୃଂଗଡ଼ା ଗୋଦାରେ ଶଣ୍ଢେ କରଡ଼ାପତର ମାର ଅପିଛି । ମିରଗ ସମ୍ବର କିଛି ନାହିଁ । ତୁ କଅଣ ପାଇଲୁ, ଭାଇ ?

ଲୋକ—ମୁଁ କାଲି ଅସିଥିଲି ଯେ, ସେ କାନରେ ଗୋଟିଏ ମହାବଳ ମାରିଥିଲି । ଆଜି ଗୋଟିଏ ବାରହା ପିଲା ।

ସୋମ—ଏ ମୁଣ୍ଡିଆରୁ ଜନ୍ତୁ ସର ଅସିଲେଣି, ଭାଇ । ପିଲାଦିନେ ବାଆ ତୁଲେ ଅସୁଥିଲୁ ଯେ, ମନେ ଅଛି । ଘି କଇଥ ମୂଳେ ବସିଥାଉଁ । ସଞ୍ଜବେଳକୁ ମିରଗ ସମ୍ବର ବାରହା ନଇରୁ ପାଣି ଖାଇ ଫେରୁ ଥାଆନ୍ତି । ହାଡ ଗୋଟେ କି ଦଇଟା ନେଇ କରି ଯାଉ । ଏବେ ସେ କଥା ସପନ ।

ଲୋକ—ଏଣିକି ସୁଲିଆକୁ ଗଲେ ହବ ।

ସୋମ—ସୁଲିଆରେ ଗୋଟାକେତେ ଅଛନ୍ତି ବୋଲି ଶୁଣିଛି । ସିଠେଇଁ ଇଏ ଯାହା, ସୁଲିଆ ସେଇୟା; ଦହେଁ ସମାନ୍ ।

ଲୋକ—ସେଠୋଉଁ ବଡ଼ ମୁଣ୍ଡିଆକୁ ଯିବା, ବଡ଼ ମୁଣ୍ଡିଆରୁ ତ ଆଉ ଜନ୍ତୁ ସର ଯାଉ ନାହାନ୍ତି ।

ସୋମ—ବଡ଼ମୁଣ୍ଡିଆରେ କୁ ମାହାବଳୁଟା ମଣିଷ ଖାଉଥିଲା, ସିଏ କଅଣ ହେଲା ଜାଣିଚୁ ?

ଲୋକ—କଅଣ ହେଲା ? ତାକୁ କେହୁ ମାରପାରୁ ନାହାନ୍ତି । ରଣପୁର, ନୂଆଗଡ଼, ବୋଦ, ସବୁଆଡୁ ବାଣୁଆ ଅସି ହାର ଗଲେଣି । ଭାରି ପ୍ରବଳ ଜନ୍ତୁଟେ ଏକା । ସେ ଦିନ ସର୍ ଦଶପଲାରୁ ଜଣେ ବାଣୁଆ ଅସିଥିଲା ଯେ, ବଂକାଡ଼ ଠେଇଁ ତାକୁ ଖୁଣ୍ଟକଲା ।

ସୋମ—ହଁ, ସେ ଦିନ ବ୍ରଣିପଡ଼ାରୁ ବଧୂ ବସୋଇ ଭାରଯାକୁ ନେଇଗଲା ନାହିଁ କି ? ପଅର ଦିନର । କାଲି ଆଉ କାହାକୁ ନବାର ଶୁଣିଚୁ ?

ଲୋକ—ମୁଁ ପଅର ଦିନଠୁଁ ଗାଆଁକୁ ଗଲିଣି କି ? ଏଣେ ମାଳକୁ ଯାଇଥିଲି । ବରଜେଇଙ୍କ ବାଟେ ଆଜି ଅସୁଛି ।

Digitized by srujanika@gmail.com

XXX

ଆମେରିକାର ପ୍ରଧାନ ପୁରୁଷ ଜର୍ଜ ଓ୍ୟାସିଂଟନଙ୍କୁ ସମସ୍ତେ ଜାଣିଥିବ । ସେ ଯେତେବେଳେ ପିଲା ହୋଇଥିଲେ, ସେତେବେଳେ ତାଙ୍କର ଗୋଟିଏ ଜନ୍ମ ଦିବସରେ ତାଙ୍କ ପିତା ତାଙ୍କୁ ଗୋଟିଏ ସୁନ୍ଦର ଟାଙ୍ଗିଆ ଉପହାର ଦେଇଥିଲେ । ସେ ଖୁସି ହୋଇ ସେହି ଟାଙ୍ଗିଟି ଧରି ବଗିଚାକୁ ଯାଇ ଏ ଗଛ ସେ ଗଛରେ ତାର ଧାର ପରଖୁଥିଲେ । ସେ ବଗିଚାରେ ପିତାଙ୍କର ଗୋଟିଏ ଲେମ୍ବୁଗଛ ଥିଲା । ଓ୍ୟାସିଂଟନ ଟାଙ୍ଗିଆର ଧାର ପରଖୁ ପରଖୁ ଅତର୍କିତଭାବରେ ସେହି ଲେମ୍ବୁ ଗଛଟି କାଟି ପକାଇଲେ । ଓପର-ଓଳି ପିତା ବଗିଚାକୁ ଆସି ଦେଖିଲେ ଗଛଟି କଟା ହୋଇ ଯାଇଅଛି । ବଡ଼ ବ୍ୟଥିତ ହୋଇ ସେ ସେତେବେଳେ ପଚାରିଲେ, "ଏ ଗଛଟି କିଏ କାଟିଲା ?" ସେତେବେଳେ ପୁତ୍ର ପଛ ଆଡ଼ୁ ଗଳଦଶ୍ରୁଲୋଚନରେ କହିଲେ, "ବାପା, ଅସାବଧାନ ହୋଇ ଟାଙ୍ଗିଆର ଧାର ପରଖୁ ପରଖୁ ମୁଁ ଏହା କରି ପକାଇଛି ।" ଏହା ଶୁଣି ପିତା ବିରକ୍ତ ହେବା ଦୂରେ ଥାଉ ଆନନ୍ଦରେ ଅଧୀର ହୋଇ ପୁଅକୁ ବାରମ୍ବାର ଆଲିଙ୍ଗନ ଓ ଚୁମ୍ବନ କଲେ । ଆମେରିକାର ସେନାପତି ଥିବା ସମୟରେ ସେ ଥରେ ଯୁଦ୍ଧର ଅବସ୍ଥା ସ୍ୱଚକ୍ଷୁରେ ଦେଖିବାକୁ ସାଧାରଣ ଲୋକପରି ବୁଲୁ ଅଛନ୍ତି, ଏମନ୍ତ ସମୟରେ କେତେଗୁଡ଼ିଏ ସୈନିକ ଖଣ୍ଡିଏ କାଠ ଟେକିବାରେ ଲାଗିଥିବାର ଦେଖିଲେ । ସେମାନେ ତାହାକୁ ଟେକି ପାରୁନାହାନ୍ତି । ନିକଟରେ ଜଣେ ରାଜ କର୍ମଚାରୀ ଠିଆହୋଇ "ଟେକ, ଟେକ" କହି ତାଙ୍କୁ ଉତ୍ସାହିତ କରୁଅଛନ୍ତି, ଏବଂ କହୁଅଛନ୍ତି, "ଯଦି ଜଣେଲୋକ ସାଙ୍ଗରେ ଆଣିଥିଲେ ତୁମେ ଅକ୍ଲେଶରେ କାଠ ଖଣ୍ଡିକ ଟେକି ଦିଅନ୍ତ ।" ଏହା ଦେଖି ଓ୍ୟାସିଂଟନ ଶୀଘ୍ର ଦୌଡ଼ି ଆସି କାଠରେ କାନ୍ଧ ଲଗାଇ ଦେଲେ, ଏବଂ କାଠଖଣ୍ଡି ସେହିକ୍ଷଣି ଉପରକୁ ଉଠିଗଲା । ଏହି ଅଯାଚିତ ସାହାଯ୍ୟ ନିମନ୍ତେ ତାଙ୍କୁ କର୍ମଚାରୀ ଧନ୍ୟବାଦ ଦେବା ପୂର୍ବରୁ ସେ କହିଲେ,

Digitized by srujanika@gmail.com

"ମହାଶୟ, ଆଉ କୌଣସି ସମୟରେ ଲୋକର ଅଭାବ ହେଲେ ଖବର ପଠାଇଲେ ମୁଁ ଆସିବି ।" ମହତ୍ ଲୋକଙ୍କର ମହତ୍ତ୍ୱ ଏହିପରି ବାଲ୍ୟ ଓ ପରିଣତ ବୟସର ସକଳ କ୍ରିୟାରେ ଦେଖା ପଡ଼ିଥାଏ ।

XXXI.

ଏହି ସାଗ୍ରବଣ୍ଡ କେବଳ ଈଶ୍ୱରଙ୍କ କାର୍ଯ୍ୟ । ଉତ୍ତୁଙ୍ଗ ପର୍ବତ ମାଳା-ଠାରୁ କ୍ଷୁଦ୍ର ବାଲୁକଣା ପର୍ଯ୍ୟନ୍ତ, ନିର୍ଜୀବ ପଦାର୍ଥଠାରୁ ବୁଦ୍ଧିଜୀବୀ ମାନବ ପର୍ଯ୍ୟନ୍ତ ସମସ୍ତ ତାହାଙ୍କର ସୃଷ୍ଟି । ସଂସାରରେ ଯାହା କିଛି କୌଣସି ସମୟରେ ଘଟୁଅଛି ତାହା ପଛରେ ସେ ନିଜେ ଅଦୃଶ୍ୟ ଭାବରେ ବିଦ୍ୟମାନ ଅଛନ୍ତି । ତେବେ ମନୁଷ୍ୟ ବୃଥାରେ ଅହଙ୍କାର କରେ ଯେ, ସେ ନିଜେ ସବୁ କାର୍ଯ୍ୟ କରୁଅଛି । କିନ୍ତୁ ବାସ୍ତବରେ ବୁଝିବାକୁ ଗଲେ ସେ କୌଣସି କାର୍ଯ୍ୟ କରୁନାହିଁ । ଗଗନମଣ୍ଡଳରେ ଜ୍ୟୋତିଷ୍କମାନଙ୍କ ତତ୍ତ୍ୱ ନିରୂପଣ ଠାରୁ ଭାତ ପାଖରେ ବସି ଗୁଣ୍ଡା ଗୁଣ୍ଡା କରି ଖାଇବା ପର୍ଯ୍ୟନ୍ତ ସକଳ କ୍ରିୟାରେ ଈଶ୍ୱର ତା ଭିତରେ ରହି ତାହାକୁ ସେ ସବୁ କରାଉ ଅଛନ୍ତି । ଏହା ଯେବେ ମିଥ୍ୟା ହୋଇଥାନ୍ତା, ମନୁଷ୍ୟ କିଣ କେବେ ମରନ୍ତା ? ଏ ସମଗ୍ର ସଂସାର ମଧ୍ୟରେ ମରିବାକୁ କେଉଁ ପ୍ରାଣୀର ସ୍ୱତଃ ଇଚ୍ଛା ହୁଏ ? ପୁଣି ଯାହା କରିବାକୁ ନିଜର ଇଚ୍ଛା ବଳେ ନାହିଁ, ତାହା କିଣ ମନୁଷ୍ୟ କଦାପି କରେ ? ତେବେ ସେ ଅକାଳରେ ଭାଇ ବନ୍ଧୁଙ୍କୁ ଶୋକ ସାଗରେ ଭସାଇ ଦେଇ, ପୁତ୍ର କନ୍ୟାଙ୍କୁ ଅରକ୍ଷିତ କରି, ଘୋର ଅନିଚ୍ଛା ସତ୍ତ୍ୱେ ମରିଯାଏ କାହିଁକି ? ପ୍ରକୃତ କହିବାକୁ ଗଲେ ସେ ଆପେ ଆପେ ମରେ ନାହିଁ; ଈଶ୍ୱରଙ୍କ ଇଚ୍ଛା ଓ ନିଦେଶରେ ତାର ମୃତ୍ୟୁ ଘଟେ । କି ଉଦ୍ଦେଶ୍ୟରେ ଯେ ଭଗବାନ୍ ପ୍ରତିଦିନ ଏହି ସଂସାରରେ ଅସଂଖ୍ୟ ଜନ୍ମ ମରଣ, ଜରାବ୍ୟାଧି ଘଟାଉ ଅଛନ୍ତି ତାହା ଆମ୍ଭମାନଙ୍କ କ୍ଷୁଦ୍ର ବୁଦ୍ଧିର, ଅଗମ୍ୟ । ତେବେ ଆମର ବିଶ୍ୱାସ, ଭଗବାନଙ୍କ ଉଦ୍ଦେଶ୍ୟ ମଙ୍ଗଳମୟ, ଏବଂ ସମସ୍ତ ସୃଷ୍ଟି ଏହି ଜନ୍ମ ମରଣ ମଧ୍ୟରେ ସେହି ମଙ୍ଗଳମୟ ଲକ୍ଷ୍ୟ ପ୍ରତି ଅବିଶ୍ରାନ୍ତ

Digitized by srujanika@gmail.com

ଗଢ଼ କରୁଅଛି । ମାନବ ଏହି ତତ୍ତ୍ୱ ହୃଦୟରେ ପୂର୍ଣ୍ଣ ଭାବରେ ଉପଲବ୍ଧି କରି ପାରିଲେ ସୁଖ ଶାନ୍ତିରେ ରହେ; ନଚେତ୍, ଜୀବନ ଅଶାନ୍ତିମୟ ହୁଏ ।

XXXII

ଏପରି ବର୍ଷେ କଟିଗଲା; ଦିନେ ରାଜା ତାଙ୍କର ଆୟ ବ୍ୟୟ ହିସାବ ପରୀକ୍ଷା କରୁ କରୁ ଦେଖିଲେ ଯେ ଖରଚ ବାବଦରେ ଗୋଟିଏ ନୂଆ ଖରଚ ଲେଖା ହୋଇଅଛି । ବର୍ଷକ ମଧ୍ୟରେ ସେହି ବନ୍ଦୀ ପାଇଁ ଯାହା ଖରଚ ହୋଇଅଛି, ତାହା ନିତାନ୍ତ ସାମାନ୍ୟ ନୁହେ । ତାହା ପାଇଁ ଜଣେ ପ୍ରହରୀ ରଖା ହୋଇଅଛି; ତହିଁ ଉପରେ ପୁଣି ତାହାର ଖାଇବା ଖରଚ । ସର୍ବ-ସୁଦ୍ଧା ପ୍ରାୟ ଟ୫୦୦ଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଅଛି । ଲୋକଟାର ବୟସ ମଧ୍ୟ ଅଳ୍ପ, ସୁସ୍ଥ ଶରୀର; ଆହୁରି ପ୍ରାୟ ୫୦ ବର୍ଷ ବଞ୍ଚିପାରେ । ଏପରି ହେଲେ ତ ଚଳିବ ନାହିଁ । ରାଜା ଏ ବିଷୟ ବିଚାର କରିବାକୁ ମନ୍ତ୍ରିମାନଙ୍କୁ ଡାକିଲେ । ପୁଣି ସଭା ବସିଲା, ଅନେକ ତର୍କ ବିତର୍କ ଚାଲିଲା । ଜଣେ ମନ୍ତ୍ରୀ କହିଲେ, "ମୋର ମନେ ହୁଏ ପ୍ରହରୀ ନ ରଖିଲେ ଭଲ ।" ଆଉ ଜଣେ କହିଲେ, "ପ୍ରହରୀ ନ ରଖିଲେ ବନ୍ଦୀ ଯେ ପଳାଇବ ।" ପ୍ରଥମ ବକ୍ତା କହିଲେ, "ପଳାଇ ଯାଉ, ତା ହେଲେ ଭଲ ହେବ । ଏତେ ଖର୍ଚ୍ଚରୁ ତ ରକ୍ଷା ମିଳିବ ।" ଏକଥା ରାଜାଙ୍କୁ ଜଣାଇବାରେ ରାଜା ମଧ୍ୟ ଏଥିରେ ସମ୍ମତ ହେଲେ । ପ୍ରହରୀକୁ ବାହାର କରି ଦେଲେ କଣ ହେବ ଦେଖିବା ପାଇଁ ସମସ୍ତେ ଅପେକ୍ଷା କରି ରହିଲେ । ସେମାନେ ଦେଖିଲେ ଯେ ବନ୍ଦୀର ପଳାଇବାର କୌଣସି ଲକ୍ଷଣ ନାହିଁ । ଖାଇବା ସମୟରେ ସେ ଦେଖିଲା ଯେ କେହି ତାହାର ଖାଦ୍ୟ ଆଣି ଦେଲେ ନାହିଁ । ସେ ତହୁଁ ନିଜେ ରାଜ-ପ୍ରାସାଦକୁ ଯାଇ ତାହାର ଖାଦ୍ୟ ନେଇ ଆସିଲା ।

XXXIII

ମୁଁ ଚତୁର୍ଦିଗ ସଙ୍କଟ ପୂର୍ଣ୍ଣ ଦେଖି ନୈରାଶ୍ୟକର୍ଜରିତହୃଦୟରେ ମୁଦ୍ରା-ଶାଳାଅଭିମୁଖେ ପ୍ରସ୍ଥାନ କଲି । ଦେଖିଲି ସେଠାରୁ ସମସ୍ତ ପ୍ରହରୀବର୍ଗ

Digitized by srujanika@gmail.com

ପଳାୟନ କରୁଅଛନ୍ତି; କେବଳ ତୋରଣ ନିକଟରେ ଜଣେ ସାହସିକ ଯୁବା ଦଣ୍ଡାୟମାନ ଅଛି । ମୁଁ ଏଠାରେ ଗୋଟିଏ ଭଗ୍ନ ରାଜପ୍ରାସାଦ ବାଟେ ଗୋଟିଏ ସଙ୍କୀର୍ଣ୍ଣ ମାର୍ଗରେ ଅତି କଷ୍ଟରେ ଅଗ୍ରସର ହେଲି । ପଥ ମଧ୍ୟରେ ଯେଉଁ ସବୁ ଭୀଷଣ ବ୍ୟାପାରମାନ ନୟନଗୋଚର ହେଲା, ତାହା ବର୍ଣ୍ଣନା କରିବା ମୋର ଶକ୍ତିର ଅତୀତ ଅଟେ । ମୃତ କିମ୍ବା ମୁମୂର୍ଷୁ ବ୍ୟକ୍ତିର ଶରୀର ଉପରେ ପାଦ-କ୍ଷେପ ନ କରି ପଦେମାତ୍ର ଅଗ୍ରସର ହେବାର ସମ୍ଭାବନା ନ ଥିଲା । ଏହା ବ୍ୟତୀତ ଆଉ ଯେଉଁ ଭୟାବହ ଘଟଣା ଘଟିଥିଲା ତାହା ଉଲ୍ଲେଖ ନ କରି ରହି ପାରିଲି ନାହିଁ । ସେହି ଦିନ ରାତ୍ରି [illegible] ଧରଣୀ ମଣ୍ଡଳକୁ [illegible] କଲା ମାତ୍ରେ ଏକ ପ୍ରକାର ଅଗ୍ନିକାଣ୍ଡ ନୟନଗୋଚର ହେଲା । ସମସ୍ତ ନଗର ହୁତାଶନ ତେଜରେ ଏପରି ଉଜ୍ଜ୍ୱଳ ହୋଇ ଉଠିଲା ଯେ, ସେହି ଆଲୋକ ଦ୍ୱାରା ଆମ୍ଭେମାନେ ପୁସ୍ତକ ପାଠ କରି ପାରିଥାନ୍ତୁ । ନଗରର ସର୍ବ-ଦିଗରେ ଶତ ଶତ ସ୍ଥାନରେ ପ୍ରଚଣ୍ଡ ପାବକଶିଖା ସମୁତ୍ଥିତ ହେଲା । ଛଅ ଦିନ ପର୍ଯ୍ୟନ୍ତ ଏହି ଅଗ୍ନି ପ୍ରଜ୍ୱଳିତ ହୋଇ ନଗରର ଯାବତୀୟ ଗୃହକୁ ଦଗ୍ଧ କରିଦେଲା । ନଗରବାସିମାନେ ଏପରି ଭୀତ ହୋଇଥିଲେ ଯେ ଅଗ୍ନି ନିଭାଇବା ପାଇଁ କିଛିମାତ୍ର ଉଦ୍ୟୋଗ କରି ପାରିଲେ ନାହିଁ । ଏହିରୂପେ ଚଳନ୍ତ ଅଗ୍ନି ସର୍ବତ୍ର ବ୍ୟାପ୍ତ ହୋଇ ଲିସ୍‌ବନ୍ ନଗରକୁ ଭସ୍ମସାତ୍ କଲା । ଧନୀ; କି ଦରିଦ୍ର, ସମସ୍ତେ ସମଦଶାପନ୍ନ ହୋଇଗଲେ । ଦୁଇଦିନ ପୂର୍ବେ ଯେଉଁମାନେ ନାନା ବିଳାସରେ କାଳଯାପନ କରୁଥିଲେ ସେମାନେ ଆଜ ଆଶ୍ରୟ ହୀନ ହୋଇ ଇତସ୍ତତଃ ଭ୍ରମଣ କରୁଅଛନ୍ତି । କାଳସ୍ୟ କୁଟିଳା ଗତିଃ—ତାହା କିଏ ବୁଝିବ ।

XXXIV

ଦୁର୍ଭିକ୍ଷ ଦେଶର ଘୋର ଅନିଷ୍ଟ ସାଧନ କଲେହେଁ ପ୍ରକାରାନ୍ତରେ ଆମ୍ଭମାନଙ୍କୁ ମହାଶିକ୍ଷା ପ୍ରଦାନ କରେ । ଯେ ଥରେ ବିପଦରେ ପଡି ସାବଧାନ ହୁଅନ୍ତି ନାହିଁ, ତାଙ୍କର ଅବସ୍ଥା ସର୍ବଦା ବିପଦଗ୍ରସ୍ତ ହୁଏ ।

Digitized by srujanika@gmail.com

ସମ୍ଭବତଃ ଈଶ୍ୱର ଭାରତବାସିଙ୍କି ସତର୍କ କରିବା ଅଭିପ୍ରାୟରେ ବାରଂବାର ଏହି ଦାରୁଣ ଦୁର୍ଭିକ୍ଷ ପଠାଉଅଛନ୍ତି । ଆହା, ତଥାପି ଭାରତ ଜାଗ୍ରତ ହେଉନାହିଁ, ନିଜ ଜୀବନ ରକ୍ଷାର ସୁପଥ ଅନ୍ୱେଷଣ କରୁନାହିଁ । ଅହରହ ଅସଂଖ୍ୟ ନରନାରୀ ଜଠର ଜ୍ୱାଳାରେ ପ୍ରାଣ ହରାଉଅଛନ୍ତି; ଲକ୍ଷ ଲକ୍ଷ ଗୃହ ଜନଶୂନ୍ୟ ହେଉଅଛି; ଖାଦ୍ୟାଭାବରେ କୋଟି କୋଟି ପ୍ରାଣୀ ଅନ୍ନ ଅନ୍ନ ବୋଲି ଚିତ୍କାର କରୁଅଛନ୍ତି; ଅନାଥ ଶିଶୁମାନେ ପଥ ପାର୍ଶ୍ୱରେ ଖାଦ୍ୟ ବିନା ପଞ୍ଚତ୍ୱ ପ୍ରାପ୍ତ ହେଉଅଛନ୍ତି । ତଥାପି ଲୋକେ ଭାବନ୍ତି ନାହିଁ । କେଉଁ ଦିନ ଆସିବ ଯେବେ ସମସ୍ତେ ସୁଖରେ କାଳଯାପନ କରିବେ, ଓ ଆଉ ଅନାହାରର ଦାରୁଣ କଷ୍ଟ ଭୋଗ କ[redacted] । ଜୀବନ ନିର୍ବାହର ଭିନ୍ନ ଭିନ୍ନ ପନ୍ଥା ଅବଲମ୍ବନ ନ କଲେ ଦୁର୍ଭିକ୍ଷ ଦୂରୀଭୂତ ହେବନାହିଁ; ସେହିପରି ପୁନଃ ପୁନଃ ଦେଖା ଦେଉଥିବ । ଅନ୍ୟ ସକଳ ପ୍ରକାର ବ୍ୟବସାୟ ଛାଡ଼ି ଦେଇ କେବଳ କୃଷି ଉପରେ ନିର୍ଭର କଲେ ଲୋକେ ଚଳିବେ ବା କିପରି ? ନାନାପ୍ରକାର ଉପାୟ କରି ରଖିଥିଲେ, ଗୋଟିଏ ଯେବେ ବିଫଳ ହୁଏ, ଆଉ ଗୋଟିଏ ଧରିବାକୁ ହୁଏ । ବର୍ତ୍ତମାନ କୃଷି ଉପରୁ ଫେରି ଆସି ଦେଶର ଶିକ୍ଷିତ ଲୋକଙ୍କର ଦୃଷ୍ଟି ଚାକିରି ଉପରେ ପଡ଼ିଅଛି । ଦେଶରେ ଚାକିରିର ସଂଖ୍ୟା କେତେ, ଏବଂ ତହିଁରେ ଅବା କେତେ ଲାଭ ହୁଏ, ଏହା ଥରେ କିଏ ଭାବି ଦେଖିଅଛନ୍ତି କି ?

XXXV

ପୁରୀ ଯାତ୍ରୀ ଗାଡ଼ି ପୂର୍ବାହ୍ଣ ୯ ଘଣ୍ଟା ୪୦ ମିନିଟରେ ପୁରୀ ଇଷ୍ଟେସନର ମଝି ପ୍ଲାଟଫର୍ମରୁ ଛାଡ଼େ । ଯାତ୍ରା ସମୟରେ ପୁରୀ ଇଷ୍ଟେସନଠାରେ ଯେ କିପରି ଭିଡ଼ ହୁଏ, ସେ କଥା ସମସ୍ତେ ଜାଣନ୍ତି । ରଥ ଯାତ୍ରା ଦିନ ଗାଡ଼ି ଛାଡ଼ିବାକୁ ପୂରା ଏକ ଘଣ୍ଟାଏ ଅଛି, ଏପରି ସମୟରେ ଜଣେ ବୁଢ଼ା ବୁଢ଼ୀଟିଏ ସେହି ଗାଡ଼ିରେ ଆସି ବସିଲା । ନିଜେ ବେଞ୍ଚ ଉପରେ ବସି

Digitized by srujanika@gmail.com

ପାଖରେ ବୁଲୁଗୁଟି ଥୋଇବାରୁ ସେଥିରେ ଦୁଇଜଣଙ୍କର ବସିବା ସ୍ଥାନ ମାତ୍ର ବଳିଲା । ପରେ ଯେତେ ଯାତ୍ରୀ ଆସିଲେ କୋଠରି ଭିତରେ ଖୁନ୍ଦା-ହୋଇ ଗଲେ । ବେଞ୍ଚରେ ଆଉ ଟିକିଏ ମାତ୍ର ଖାଲି ସ୍ଥାନ ରହିଲା ନାହିଁ । ଶେଷକୁ ସତର୍କ ଘଣ୍ଟା ବାଜଗଲା ପରେ ଜଣେ ଯୁବକ ଧଇଁସଇଁ ହୋଇ ଗାଡ଼ି ଆଡ଼କୁ ଧାଇଁବାର ଦେଖାଗଲା । (ଗାଡ଼ି ସାହେବ ତାଙ୍କପାଇଁ ଦୂରରୁ ଗୋଟିଏ କୋଠରିର ଦୁଆର ଫିଟାଇ ରଖିଲେ) । ଯୁବକ କୋଠରିରେ ପଶି ଦେଖନ୍ତି ଯେ ବେଞ୍ଚଗୁଡ଼ିକ ପୂର୍ଣ୍ଣ, ଟିକିଏ ଖାଲି ସ୍ଥାନ ନାହିଁ । କେବଳ ଜଣେ ବୁଢ଼ା ପାଖରେ ଗୋଟିଏ ଗଣ୍ଠିଲି ଅଛି । ତାକୁ ତଳକୁ କାଢ଼ି ରଖିଦେଲେ, ସେଠି ଦୁଇ ଜଣ ଲୋକ ସ୍ୱଚ୍ଛନ୍ଦରେ ବସି ପାରନ୍ତି । ବୁଢ଼ାକୁ ଗଣ୍ଠିଲି କଥା କହିଲାରୁ ସେ କହିଲା, "ଗଣ୍ଠିଲି ମୋର ନୁହେଁ । ଆଉ ଜଣେ ଲୋକ ଏହା ଏଠାରେ ରଖିଦେଇ ଇଷ୍ଟେସନକୁ ପାଣି ପିଇବାକୁ ଯାଇଅଛି । ଏହିକ୍ଷଣି ଫେରି ଆସିବ, ରହ ।" ଏହା କହି ବୁଢ଼ା ଅନ୍ୟମନସ୍କ ହେବାର ବାହାନା କଲା, ଓ ଏହା ତାହା ସଙ୍ଗେ ନାନା ବାଜେ ବିଷୟରେ ଅପ୍ରାସଙ୍ଗିକଭାବରେ କଥାବାର୍ତ୍ତା ହେବାକୁ ଲାଗିଲା । ହଠାତ୍ ଗାଡ଼ି ଚଳିବାର ଦେଖି ଯୁବକ କହିଲେ, "କାହିଁ ସେ ଜଣକ ଯେ ଆସିଲେ ନାହିଁ ?" ତାଙ୍କ ଲୁଗା ପଟା ରହିଗଲା !" ଏହା କହି ଗଣ୍ଠିଲିଟିକୁ ଚଳନ୍ତା ଗାଡ଼ି ଭିତରୁ ପ୍ଲାଟଫର୍ମ ଉପରକୁ ଡର ଡର ହୋଇ ଫିଙ୍ଗିଦେଲେ । ବୁଢ଼ାର ମନା କରିବାକୁ ପାଟିରୁ କଥା ବାହାରିଲା ନାହିଁ । କେବଳ ଓଲୁଙ୍କ ପରି ସ୍ଥିର ଦୃଷ୍ଟିରେ ଚାହିଁ ରହିଲା । ଗାଡ଼ିର ଯାତ୍ରୀମାନେ ଏହା ଦେଖି ତାକୁ ସମସ୍ତେ ଏକସ୍ୱରରେ ଛି ଛି କଲେ ।

XXXVI

ଏକଦା ଜଣେ ଲୋକ ଗୋଟିଏ ସାମାନ୍ୟ ଚୋରି କରି ଏକ ସପ୍ତାହ କଠିନ ଶ୍ରମ ସହ କାରାବାସ ଦଣ୍ଡ ପାଇଥିଲା । ସେ ଜେଲରେ ଯେତେ ଦୋଷୀ ଥିଲେ ତାଙ୍କ ମଧ୍ୟରେ କେତେ ଜଣ ସାଧାରଣ କାରାବାସ ଦଣ୍ଡ

Digitized by srujanika@gmail.com

ମଧ ପାଇଥିଲେ । ସେମାନଙ୍କୁ ସକାଳୁ ସନ୍ଧ୍ୟାଯାଏ କୌଣସି ପରିଶ୍ରମ କରିବାକୁ ପଡୁନାହିଁ ଦେଖି ସେହି ଲୋକଟି ବଡ଼ରୁ ଥାଏ, "ଏମାନେ କେଡ଼େ ହତଭାଗ୍ୟ; ମୁଁ ତ ବେଶ୍ ଆନନ୍ଦରେ କାମ ଦାମ କରୁଅଛି । ଘରେ ଯେତେ କାମ ମିଳୁ ଥିଲା ଏଠି ତହିଁରୁ ଟିକିଏ ହେଲେ ଊଣା ନାହିଁ ।" ଜେଲ ରକ୍ଷକ ଜାଣୁଥାନ୍ତି ଘନିଆ [illegible]ରେ ଭୁଇଁଟା କଏଦିର କାମ କରେ । ଘନିଆ ଜେଲକୁ ରବିବାର ଦିନ ଯାଇ ମାଂସ ତରକାରି ଖାଇଥିଲା । ଯେଉଁ କଏଦି-ମାନଙ୍କର କାରାବାସ ସମୟ ସୋମବାର ଦିନ ଶେଷ ହେଲା, ସେମାନେ ସେହି ଦିନ ସକାଳୁ ମୁକ୍ତ ହୋଇ ଯିବାର ଘନିଆ ଦେଖିଲା । (ଏହିପରି ସପ୍ତାହର ଅନ୍ୟାନ୍ୟ ବାର ମାନଙ୍କରେ କଏଦିମାନେ ମୁକ୍ତ ହୋଇଯିବାର ଘନିଆ ବଡ଼ ଉଦାସ ଭାବରେ ଦେଖୁଥାଏ)। ଜେଲଖାନାର ଖାଦ୍ୟପେୟରେ ଅଭ୍ୟସ୍ତ ହେବାକୁ କଏଦିମାନଙ୍କର ଅନେକ ସମୟ ଲାଗିଯାଏ । କେହି କେହି ଜେଲର ମୋଟା ଭାତ ଓ ଅସ୍ୱାଦ ତରକାରି ଖାଇ ନପାରି ରୋଗରେ ଶୀର୍ଣ୍ଣ ହୋଇ ଯିବାର ଦେଖାଅଛି । କିନ୍ତୁ ଘନିଆକୁ ଜେଲର କୋଠରି ଗୁଡ଼ାକ ରାଜପ୍ରାସାଦ, ଓ ଜେଲର ଭାତ, ତରକାରି ସ୍ୱର୍ଗର ଅମୃତ ତୁଲ୍ୟ ଲାଗୁଥାଏ । ସେ ଶୀଘ୍ର ଜେଲଖାନାକୁ ନିଜର ଘର ବୋଲି ବୋଧକଲା । ଶନିବାର ଦିନ ଟିକିଏ ମେଘୁଆ ହେବାରୁ ଚାରିଆଡ଼େ ବିକ୍ଷିପ୍ତ ହୋଇ ପଡ଼ିଥିବା କାଠ ଗୁଡ଼ାକ ଏକାଠି ଚାଳିଆରେ ଗଦାଇ ରଖିଲା । ରାତିରେ ଶୋଇଲା ବେଳେ ଭାବୁ-ଥାଏ, ଭୋରରୁ ଉଠିଲେ କି କି କାମ କରିବ । ଭୋରରୁ ଜେଲରକ୍ଷକ ଆସି ଘନିଆର ବନ୍ଧନ ଫିଟାଇ ଦେଇ କହିଲେ, "ଘନିଆ, ଯା" । ଘନିଆ ଦୁଃଖ ଓ ରାଗରେ ବିବ୍ରତ ହୋଇ କହିବାକୁ ଲାଗିଲା, "ଆଜି କଣ ନାଲିଭଙ୍ଗା ହେବ ବୋଲି ମୋତେ ତଡ଼ିଦେଉଛ, ବାବୁ ? କାହିଁକି, ଏତେ ଲୋକଙ୍କୁ ଆଗରୁ ଛାଡ଼ି ଦେଲ, ରଖିଲ ନାହିଁ ଆଜି ଛାଡୁଥାନ୍ତ । ନା, ମୁଁ ଆଜି ଯିବି ନାହିଁ ।"

Digitized by srujanika@gmail.com

XXXVII

ଗୋପାଳ ସଙ୍ଗରେ ବୁଲିବାକୁ ଯିବାକୁ ରାମକୁ ଆଦୌ ସୁଖ ଲାଗେ ନାହିଁ । ତାର କାରଣ ଯେ, ରାମ ଦୁଷ୍ଟ ପିଲା, ତାହା ନୁହେ । ରାମ କୌଣସି ପ୍ରକାର ଦୁଷ୍ଟାମି କରୁଥିବାର କେବେ ଦେଖାଯାଇ ନାହିଁ । ନିଃସହାୟକୁ ସାହାଯ୍ୟ, ଦୁଃଖୀକୁ ଦୟା କରିବା ବରଞ୍ଚ ରାମର କାମ । ଗୋପାଳ କିନ୍ତୁ ଟିକିଏ ଉପରି ଅନ୍ୟ ପ୍ରକୃତିର ପିଲା ବୋଲି ମନେ ହୁଏ । ତାକୁ ଦେଖିଲେ ବୋଧ ହୁଏ, ସେ ସର୍ବଦା ଚିନ୍ତିତ, ଶଙ୍କିତ । ସେ ସବୁବେଳେ କାହିଁକି ଏପରି ହେଉଥାଏ, ତାହା ତାର ଅନ୍ତରଙ୍ଗ ବନ୍ଧୁମାନଙ୍କୁ ଜଣା ଅଛି କି ନାହିଁ ସନ୍ଦେହ । ତେବେ କେହି କେହି ଅନୁମାନ କରନ୍ତି, ଗୋପାଳ ବାଲ୍ୟଜୀବନ ଟିକିଏ ଅସାବଧାନ ଭାବରେ କଟାଇଥିବାରୁ ବର୍ତ୍ତମାନ ତାହାର ଅନୁତାପ ଆସିଛି । ଅନୁତାପର ଜ୍ୱଳନ୍ତ ବହ୍ନି ମଧ୍ୟରେ ଥରେ ପଡ଼ିଲେ ଦେହ ମନ କିପରି ପୋଡ଼ିଯାଏ ସମସ୍ତେ ଜାଣନ୍ତି, ତମେ ମଧ୍ୟ ଜାଣିଥିବ । ଗୋପାଳକୁ ବର୍ତ୍ତମାନ ଦୋଷ ଦେବାର କିଛି କାରଣ ନାହିଁ, ଏହା ମନୁଷ୍ୟ ପ୍ରକୃତି । ପିଲାଦିନେ ଅଯତ୍ନ ହୋଇ ଜୀବନ ଅତିବାହିତ କଲେ ବଡ଼ଦିନକୁ ସମସ୍ତେ ଦୁଃଖ ଯନ୍ତ୍ରଣା ପାଇଥାନ୍ତି । ସେଥିରେ କାହାର ହାତ ନାହିଁ । ଗୋପାଳର ଏ ଦୁଃଖରେ ସେ ବେଳେ ବେଳେ ରାମର ସଙ୍ଗ ଲାଭ କରି ବରଂ ଅନେକ ପରିମାଣରେ ଆଶ୍ୱସ୍ତ ହେଉଅଛି । ରାମର ଜୀବନ ସର୍ବଦା ପ୍ରଫୁଲ୍ଲ ଓ ଆଶାରେ ପୂର୍ଣ୍ଣ । ସୁତରାଂ ଦୁଃଖ ନିରାଶା ଦିନେ ତାର ପ୍ରାଣକୁ ଛୁଇଁ ପାରି ନାହିଁ । ତାର ଗଳ୍ପ, କଥା ଓ ଗୃହାଣିରେ ଅସୀମ ଆନନ୍ଦ ପ୍ରକାଶ ପାଏ । ଏଥିରେ ରାମ ଗୋପାଳଙ୍କ ସଙ୍ଗ କିପରି ତାକୁ ପ୍ରୀତିକର ହୋଇପାରେ ? ପୃଥିବୀରେ କେବଳ ସମାନ ସମାନ ପଦାର୍ଥର ମିଳନ ହୁଏ । ତେବେ ଗୋପାଳର କ୍ରମେ କ୍ରମେ ଉନ୍ନତି ହେଉଅଛି ଦେଖି ଏବେ ରାମ ଅନେକ ସମୟରେ ତାହା ପାଖକୁ ଆସେ । ଦିନେ ଦିନେ ଗୋପାଳ ତାକୁ ନିମନ୍ତ୍ରଣ କରି ତା ଘରେ ଖୁଆଏ ।

Digitized by srujanika@gmail.com

XXXVIII

ମୋତେ ଏତେ ଗୁଡ଼ାଏ ଆଦର କରିବା ତୋର ଭାରି ଦୟା, ଗୋପାଳ । ସେ କଥା ଥାଉ; ଆଗେ ପୁଞ୍ଜିଏ ଖାଇ ଦେ, ଯିବା ଚଞ୍ଚଳ । ବେଳ କଣ ହୋଇ ଗଲାଣି ? ଆଠଘଣ୍ଟା ଅଧେ ନୁହେ ? ଏବେ ତ ଆଠ ଘଣ୍ଟାକୁ ଆହୁରି କୋଡ଼ିଏ ମିନିଟ ବାକି ଅଛି । ମୋ ଘଡିରେ କାନୁ ପନ୍ଦର ମିନିଟ । ତୋ ଘଡିଟା କାଲିଠାରୁ ପାଞ୍ଚମିନିଟ ବିଳମ୍ବ ଅଛି, ମୋ ଘଡି ଠିକ୍ । ତେବେ ରେଳ ଆସିବାକୁ ଆହୁରି ପଞ୍ଚାଳିଶ ମିନିଟ ଅଛି । ଏତେ ତରତର ହେଉଛୁ କାହିଁକି ? ବାଟ ତ ବେଶି ନୁହେ । ତୁ ବଡ଼ ଅଳସୁଆ, ଢିମା, ସବୁଥିରେ ତୋର ବିଳମ୍ବ । ଇମିତି ହେଲେ ଚଳିବ ନାହିଁ । ତୁ ସିନା ଭାତ ତରକାରି ଗିଳି ଦେଉଛୁ । ମୁଁ ଯେ ଚୋବାଇ ଖାଏଁ । ତରତର କରି ଖାଇ ପାରିବି ନାହିଁ । ବସ୍ ଟିକିଏ । ବିଳମ୍ବ ହୋଇ ଯାଉଛି ସିନା । ଏତେବେଳକୁ ଆମେ ଯାଇ ସେଠେଇ ପହଞ୍ଚି ଥାଆନ୍ତେ । ଏଇ ଶୁଣ୍ ଘଣ୍ଟା ବାଜିଲା । କିଛି ଚିନ୍ତା ନାହିଁ, ବହୁତ ସମୟ ଅଛି । ଆମେ ଠିକ୍ ସମୟରେ ଯାଇ ପହଞ୍ଚିବା ଯେ । ହଉ, ଯାହା କରୁଛୁ କର୍ । ଏଣିକି ଏମିତି ହେଲେ ତୋ ସାଙ୍ଗେ କିଛି ସମ୍ପର୍କ ରଖିବି ନାହିଁ, ଜାଣିଥା । ତୋର ଉଚିତ ଥିଲା ଆହୁରି ଆଗରୁ ମୋତେ ଡକାଇ ପଠାଇଥାନ୍ତୁ; ନୁହେ ? ଏବେ ତରବର ହେଲେ କଣ ହବ । ହଉ, ଏବେ ଚାଲ୍, ଛିଆ ଏଠିକି । ଏହିକ୍ଷଣି ଗଲେ ଦଶମିନିଟରେ ଯାଇ ଇଷ୍ଟେସନରେ ପହଞ୍ଚିବା । ସେଠି ପନ୍ଦର କି କୋଡ଼ିଏ ମିନିଟ ମିଛରେ ଚାହିଁ ବସିବାକୁ ହବ । ସେତେବେଳେ ବିରକ୍ତ ହେବୁ, କାହିଁକି ଏତେ ଆଗରୁ ଆସିଲେ ? ଆଉ ବିଳମ୍ବରେ ଆସିଥିଲେ ତ ଚଳିଥାନ୍ତା । ହଉ, ଚାଲ୍ । ଆଉ ଗୁଡ଼ାଏ କଥା କହ ନା ।

XXXIX

ମନୁଷ୍ୟ ସମାଜମଧ୍ୟରେ କିଏ ସୁଶୀଳ, କିଏ ଦୁଃଶୀଳ ସେ କଥା ଠିକ୍ କରି କହିବା ବଡ଼ ଦୁଷ୍କର । ପିଲାଦିନେ ଯେଉଁମାନେ ଶାନ୍ତ, ସୁଶୀଳ ଥାନ୍ତି,

Digitized by srujanika@gmail.com

ବୟସ ହୋଇଗଲେ ଦେଖାଯାଏ ସେମାନେ ପୂର୍ଣ୍ଣ ନିର୍ଜୀବ ହୋଇପଡ଼ନ୍ତି ଅଦ୍ଭୁତ ମଧ୍ୟ ଯେଉଁ ପିଲାମାନଙ୍କୁ ଅମ୍ଭେମାନେ ଦୁଷ୍ଟ ବୋଲି କହୁଁ, ଘୃଣା ଓ ଅନାଦର କରୁଁ ସେମାନଙ୍କ ମଧ୍ୟରୁ କାହାର କାହାର ଜୀବନରେ ବଡ଼ ପରିବର୍ତ୍ତନ ଘଟେ । ଉପଯୁକ୍ତ ବୟସ ଆସିଗଲେ ସେମାନେ କର୍ମଠ, ସୁଶୀଳ ହୋଇ ପଡ଼ନ୍ତି । ଏହି ଶ୍ରେଣୀର ଲୋକଙ୍କ ମଧ୍ୟରୁ କେହି କେହି ଜୀବନରେ ଅତ୍ୟନ୍ତ ସାଧୁ ଓ ଦେବୋପମ ହୋଇଥିବାର ଦେଖାଯାଇଅଛି । ଅଶୋକଙ୍କ ବାଲ୍ୟ ଜୀବନ ଦେଖି କିଏ ସ୍ୱପ୍ନରେ ମଣିଥିଲା ଯେ, ସେ ଦିନେ ଧର୍ମ ବଳରେ କେବଳ ଭାରତରେ କାହିଁକି, ସମଗ୍ର ପୃଥିବୀରେ ପୂଜିତ ହେବେ ? ଅନ୍ୟର ପ୍ରାଣରେ କଷ୍ଟ ଦେବା, ପରର ଅପକାର କରିବା, ଦୁଃଖୀର ଦୁଃଖରେ ତାହାକୁ କନ୍ଦାଇବା, ଯାହାର ଦୈନନ୍ଦିନ କାର୍ଯ୍ୟ ଥିଲା, ସେ ପୁଣି କିପରି ପର ଦୁଃଖ ମୋଚନ ବ୍ରତରେ ଜୀବନ ଉତ୍ସର୍ଗ କରିପାରେ ? ବାସ୍ତବିକ ଅଶୋକଙ୍କ ତରବାରି ଅନେକ ମାନବ ରକ୍ତ ଭୂତଳରେ ପାତ କରିଅଛି, ଉତ୍ତର ଜୀବନରେ ତାଙ୍କର ହୃଦୟ ପରଦୁଃଖ ଦର୍ଶନରେ ତହିଁରୁ ଶତଗୁଣ ଅଶ୍ରୁ ଢାଳିଅଛି । ଅଶୋକ ତାଙ୍କର କ୍ଷୁଦ୍ର ଜୀବନ ମଧ୍ୟରେ ପଶୁତ୍ୱରୁ ମନୁଷ୍ୟତାକୁ ଉଠି ପରେ ଦେବତ୍ୱ ଲାଭ କରିଥିଲେ । ଦୁଷ୍ଟ ପିଲାଙ୍କର ବୁଝିବା ଉଚିତ ଯେ, ତାଙ୍କ ଭିତରେ ଅନନ୍ତ ଶକ୍ତି ଲୁଚି ରହିଅଛି; ଦିନେ ବିକାଶ ପାଇବ । କୃଷ୍ଣ ବାଲ୍ୟ କାଳରେ କେତେ ଘରେ କେତେ କାଣ୍ଡ କରି ନ ଥିଲେ । ତେବେ ପିଲାଙ୍କୁ ଆଉ ଗୋଟିଏ କଥା ମନେ ରଖିବାକୁ ହେବ । ଶକ୍ତିଶାଳୀ ହେବାପାଇଁ ଇଚ୍ଛା କରି ଦୁଷ୍ଟ ହେଲେ ତାର ପରିଣାମ ଅତ୍ୟନ୍ତ ମନ୍ଦ ହୁଏ ।

XL

ସହର ବାହାରେ ଗୋଟିଏ କୁଟୀରରେ ଗୋଟିଏ ଦରିଦ୍ର ମୋଚି ବାସ କରୁଥିଲା । ତା ଦୋକାନ ପାଖରେ କେତେଗୁଡ଼ିଏ ଗହଳିଆ ଗଛ ଭିତରେ ଗୋଟିଏ ଦୁଷ୍ଟ ମାଙ୍କଡ଼ ଥାଏ । ମୋଚିଟି ଦୋକାନରେ ବସି କାମ କରୁଥିଲାବେଳେ ମାଙ୍କଡ଼ଟି ପାଖ ଗଛ ଉପରେ ବସି ଖେଳେଇ ହେଲା ପରି,

Digitized by srujanika@gmail.com

ସବୁ କାମ ନକଲ କରୁଥାଏ । ମୋଚଟି ଯେବେ କାମ ଛାଡ଼ି ଟିକାଏ କୁଆଡ଼େ ଚାଲିଯାଏ, ମାଙ୍କଡ଼ଟି ଗଛରୁ ଓହ୍ଲାଇ ଆସି ମୋଚ ବସିବା ଜାଗାରେ ବସି ତା ହତିଆର ଯାକ ଧରି ସେ ଯେପରି କରୁଥିଲା ସେହିପରି କରେ । ସେଥିରେ ମୋଚ ବସ୍ତ୍ରର ହତିଆର ଗୁଡ଼ିକ ବଙ୍କା ଅନ୍ତରା ହୋଇଯାଏ । କେତେବେଳେ ବା ଚମଡ଼ା ନଷ୍ଟ ହୋଇଯାଏ, ଏବଂ ଖରିଦ୍ଦାରମାନଙ୍କର ବରାଦ କାମ ସବୁ ବିଗିଡ଼ିଯାଏ । ମୋଚ ବେଳେ ବେଳେ ରାଗ ହୋଇ ମାଙ୍କଡ଼କୁ ଗୁଡ଼ାଏ ଗାଳି ଦିଏ । ମାଙ୍କଡ଼ ସେ କଥା ଶୁଣିବ କାହିଁ ? ସେ ତାର ଆପଣା ଗଛଉପରେ ବସି ଅଙ୍ଗଭଙ୍ଗି କରି ମୋଚକୁ ରଗାଉଥାଏ । ମୋଚ ତ ଆଉ କିଛି କରି ପାରେ ନାହିଁ । ମାଙ୍କଡ଼କୁ ଧରିବା ତ ସହଜ ନୁହେ । ଦିନେ କଅଣ ଭାବିଲା ଭାବିଲା, କହିଲା, "ଆଚ୍ଛା ମାଙ୍କଡ଼, ଖଟେଇ ହବୁ, ହଉ ।" ଏହା କହି ଘରକୁ ଗଲା । ଗୋଟିଏ ଦାଢ଼ିଆ କ୍ଷୁର ଆଣି ମାଙ୍କଡ଼ ସ୍ପଷ୍ଟ ଦେଖିପାରିବା ଭଳି ଯାଗାରେ ବସି ଆପଣା ବେକର ଏ ପାଖରୁ ସେ ପାଖ ଯାଏ କ୍ଷୁରକୁ ଥରକୁଥର ଚଳାଇଲା ପରି କରୁଥାଏ । ମାଙ୍କଡ଼ ଭଲ କରି ଦେଖି ସାରିଲାରୁ କ୍ଷୁରଟି ଥୋଇଦେଇ ବାହାରକୁ ଚାଲିଗଲା । ଆସି ଦେଖିଲାବେଳକୁ ମାଙ୍କଡ଼ଟିର ତୋଟି କ୍ଷୁରରେ କଟା ହୋଇ ସେ ମରିକରି ପଡ଼ିଛି ।

XLI

ଭାରତୀୟ ସଭ୍ୟତା ଧର୍ମପ୍ରବଣ, ଦର୍ଶନବାଦୀ ଓ କବିତ୍ୱ ପୂର୍ଣ୍ଣ । ପ୍ରାଚୀନ ଭାରତବାସୀ କବିତାକୁ ଏତେ ପକ୍ଷ ପାଉଥିଲେ ଯେ ଗଣିତ ଶାସ୍ତ୍ର ବିଷୟ ଗୁଡ଼ିକ ବି ସେମାନେ କବିତାରେ ଲେଖି ଯାଇଅଛନ୍ତି । ସେମାନେ ଏପରି ଧର୍ମପ୍ରବଣ ଥିଲେ ଯେ ସେମାନଙ୍କର ବୈଜ୍ଞାନିକ ଆବିଷ୍କ୍ରିୟା ଗୁଡ଼ାକ ମଧ୍ୟ ସେମାନେ ଭଗବାନଙ୍କଠାରେ ଉତ୍ସର୍ଗ କରିଅଛନ୍ତି । ପୁଣି ପାଶ୍ଚାତ୍ୟ ସଭ୍ୟତା ପାର୍ଥିବତାର ଚାକଚକ୍ୟରେ ପୂର୍ଣ୍ଣ । ଭାରତର ପ୍ରାଣ ଅନ୍ତର୍ମୁଖୀ; ପାଶ୍ଚାତ୍ୟର ପ୍ରାଣ ବହିର୍ମୁଖୀ । ପାଶ୍ଚାତ୍ୟ ଜାତିର ଲକ୍ଷ୍ୟ ବିଜୟଲାଭ, ଅଧିକାର—ଭାରତର

Digitized by srujanika@gmail.com

ଆକାଂକ୍ଷା ଧର୍ମ ସୂତ୍ରରେ ବିଶ୍ୱର ଅନୁଭୂତ । ପ୍ରତୀଚ୍ୟ ଏହି ପାର୍ଥିବ ପଦାର୍ଥରେହିଁ ପୂର୍ଣ୍ଣାନନ୍ଦ ଅନୁଭବ କରେ । ଭାରତବାସୀ ଆତ୍ମାର ଦର୍ଶନ କଲେ ସ୍ୱର୍ଗ-ସୁଖର ଆନନ୍ଦରେ ବିହ୍ୱଳ ହୁଏ । ବିଶ୍ୱ ଆତ୍ମା ସଙ୍ଗେ ବ୍ୟଷ୍ଟି ଆତ୍ମାର ମିଳନହିଁ ଭାରତୀୟର ପ୍ରଧାନ କାମ୍ୟ ବସ୍ତୁ । ଭାରତର ଆତ୍ମା ସ୍ୱାର୍ଥଶୂନ୍ୟ; କିନ୍ତୁ ପ୍ରତୀଚ୍ୟର ଯନ୍ତ୍ରାବଳୀ ଅବିରାମ ସ୍ୱାର୍ଥ ଉଦ୍ଗୀରଣ କରୁଅଛି । ଏହିପରି ଭାରତ ଏବଂ ଇଉରୋପ ଓ ଆମେରିକାର ଜାତିମାନେ ଦୁଇ ବିଭିନ୍ନ ମୁଖରେ ପ୍ରୟାଣଶୀଳ ହୋଇ ଦୁଇଟି ବିପଦ ସାଗରରେ ମଗ୍ନମାନ । ଗୋଟିଏ ଆତ୍ମାର ଚରମୋତ୍କର୍ଷ ସାଧନ କରୁ କରୁ ରାଷ୍ଟ୍ରୀୟ ସ୍ୱାଧୀନତା ହରାଇଅଛି; ସର୍ବଗ୍ରାସୀ ସ୍ୱାର୍ଥ ମୋହରେ ଅନ୍ୟଟିର ଅସ୍ତିତ୍ୱ ପର୍ଯ୍ୟନ୍ତ ସଂଶୟାପନ୍ନ ହୋଇ ପଡ଼ିଅଛି । ବାସ୍ତବିକ ଜୀବନ କହିଲେ କେବଳ ଆଧ୍ୟାତ୍ମିକତା ବା କେବଳ ଭୌତିକତା ନୁହେଁ । ଦୁହେଁ ଜୀବନର ଦୁଇଟି ସ୍ୱତନ୍ତ୍ର ବିଭାବ । ମାନବ ଜୀବନ ତଥା ଜାତୀୟ ବ୍ୟକ୍ତିତ୍ୱର ପୂର୍ଣ୍ଣ ବିକାଶ ପକ୍ଷେ ପ୍ରାଚ୍ୟ ଓ ପ୍ରତୀଚ୍ୟ କେହି ଏକାନ୍ତ ହେୟ ବା ଉପାଦେୟ ନୁହେଁ ।

XLII

ମାଙ୍କଡ଼ମାନେ ସର୍ବଦା ଦଳବଦ୍ଧ ହୋଇ ରହିବାକୁ ସୁଖ ପାଉଥିବେ ବୋଲି ଆମ୍ଭେମାନେ ଅନୁମାନ କରୁଥାଉଁ । ଗୋଟିଏ ଗୋଟିଏ ଦଳରେ ଦେଖାଯାଏ, ନିତାନ୍ତ ପକ୍ଷେ ୫୦ ରୁ କମ ମାଙ୍କଡ଼ ନ ଥାନ୍ତି । ସେମାନେ ଗୋଟିଏ ଅଞ୍ଚଳକୁ ଆସି ଦିନେ ଦୁଇ ଦିନ ମଧ୍ୟରେ ସେଠାର ଫଳ ଯାକ ଖାଇଯାନ୍ତି । ଫଳ ସରିଗଲାରୁ ପୁଣି ଖାଦ୍ୟ ଅନ୍ୱେଷଣ କରିବାକୁ ଆଉ ଏକ ସ୍ଥାନକୁ ଚାଲିଯାନ୍ତି । ଆମ୍ଭମାନଙ୍କପରି ତାଙ୍କର କୌଣସି ନିର୍ଦ୍ଦିଷ୍ଟ ବାସସ୍ଥାନ ନାହିଁ । ସେମାନେ ଯେଉଁଠାରେ ଦିନେ ଦୁଇ ଦିନ ରହନ୍ତି, ସେ ସ୍ଥାନର ବିଶେଷ କ୍ଷତି କରି ଦିଅନ୍ତି । ସଚରାଚର ଦେଖାଯାଏ ମାଙ୍କଡ଼ବହୁଳ ସ୍ଥାନରେ ତାଙ୍କ ଅତ୍ୟାଚାରରେ ମନୁଷ୍ୟମାନେ ସ୍ୱଚ୍ଛନ୍ଦରେ ରହି ପାରନ୍ତି ନାହିଁ । ମାଙ୍କଡ଼ମାନେ ପ୍ରକୃତି ଓ ବ୍ୟବହାରରେ ମନୁଷ୍ୟଠାରୁ ଏତେ [illegible] ଗୋଟିଏ ମାଙ୍କଡ଼ଦଳକୁ ଗୋଟିଏ ମନୁଷ୍ୟ

Digitized by srujanika@gmail.com

ପରିବାର ସଙ୍ଗେ ତୁଳନା କରାଯାଇ ପାରେ । ପ୍ରତି ଦଳରେ ଅନେକ ଗୁଡ଼ିଏ ମାଈମାଙ୍କଡ଼ ଥାନ୍ତି, କିନ୍ତୁ ଅଣ୍ଡିରା ମାଙ୍କଡ଼ ଗୋଟିଏ ମାତ୍ର ଥାଏ । ଦଳକୁ ଶାସନା କରିବା ସେହି ମାଙ୍କଡ଼ର ଯେପରି କର୍ତ୍ତବ୍ୟ, ବିପଦରୁ ରକ୍ଷା କରିବା ମଧ୍ୟ ସେହିପରି କର୍ତ୍ତବ୍ୟ । ଦଳ ମଧ୍ୟରେ ଯେତେ ଅଣ୍ଡିରା ପିଲା ଜନ୍ମ ହୁଅନ୍ତି ଦଳପତି ସେମାନଙ୍କୁ ମାରି ପକାଏ । କେବଳ ମାଈ ପିଲାତକ ରହି ଦଳବୃଦ୍ଧି କରନ୍ତି । ଅକସ୍ମାତ୍ ଗୋଟିଏ ଦୁଇଟି ଅଣ୍ଡିରା ପିଲା ଦଳପତିର ଦୃଷ୍ଟିରେ ନ ପଡି ରହିଗଲେ ସେମାନେ ବଞ୍ଚିଯାନ୍ତି ସତ, କିନ୍ତୁ ତାଙ୍କୁ ଦଳ ଛାଡ଼ି ଯିବାକୁ ହୁଏ । ଯେଉଁମାନେ ଏହିପରି ଭାବରେ ଦଳ ଛାଡ଼ି ଯାନ୍ତି ସେମାନେ ପୁଣି ନିଜ ମଧ୍ୟରେ ଗୋଟିଏ ଦଳ ଗଠନ କରି ଏକତ୍ର ରହନ୍ତି । ଏହି ଦଳର ମାଙ୍କଡ଼ମାନଙ୍କୁ ଆଜୀବନ ଅବିବାହିତ ହୋଇ ରହିବାକୁ ହୁଏ । ଏମାନେ ଓ ମାଈ ମାଙ୍କଡ଼ ଦଳର ଦଳପତି ଏ ଉଭୟଙ୍କ ମଧ୍ୟରେ ସର୍ବଦା ଭୟଙ୍କର ଶତ୍ରୁତା ରହିଥାଏ । ଅନେକ ସମୟରେ କଳହ ମଧ୍ୟ ହୁଏ । ଦଳପତି ପରାସ୍ତ ହେଲେ ବା ଯୁଦ୍ଧରେ କିମ୍ବା ଅନ୍ୟ କାରଣରୁ ମରିଗଲେ ଅବିବାହିତ ଦଳରୁ ଗୋଟିଏ ଯାଇ ମାଈ ମାଙ୍କଡ଼ ଦଳର ଭାର ଗ୍ରହଣ କରେ । ଆଦିମ ମାନବ ସମାଜରେ ଏହିପରି ପ୍ରଥା ଥାଇ ପାରେ, କିଏ ଜାଣେ ?

XLIII

ଏହି ପାର୍ଥିବ ଜଗତରେ ମନୁଷ୍ୟର ପ୍ରିୟ ବସ୍ତୁର ସଂଖ୍ୟା ନାହିଁ । ଧନ ଜନ ଆଦି ବାସ୍ତବିକ ମୂଲ୍ୟବାନ ପଦାର୍ଥ ଛଡ଼ା କେତେକ କାଳ୍ପନିକ ବିଷୟରେ ଆକୃଷ୍ଟ ହୋଇ ସେ ଅନେକ ସମୟରେ କର୍ତ୍ତବ୍ୟ ଭୁଲି ଯାଏ । କିନ୍ତୁ ମନୁଷ୍ୟ ନିଜକୁ ଯେତେ ସ୍ନେହ କରେ ପୃଥିବୀର ସମୁଦାୟ ପାର୍ଥିବ, ଅପାର୍ଥିବ ବସ୍ତୁ ମଧ୍ୟରେ ଆଉ କାହାରିକୁ ସେପରି କରିପାରେ ନାହିଁ । ତାକୁ ନିଜ ଜୀବନ ଅମୂଲ୍ୟ ବୋଧ ହୁଏ । କିନ୍ତୁ ଦାର୍ଶନିକ ପଣ୍ଡିତମାନେ ଏକସ୍ୱରରେ ମନୁଷ୍ୟ ଜୀବନକୁ ଧୂଳି ସଙ୍ଗେ ତୁଳନା କରି ଯାଇଅଛନ୍ତି । କିଏ କହି

Digitized by srujanika@gmail.com

ଅଛନ୍ତି, "ମାଟିର ଏ ଦେହ ନଷ୍ଟେ ମିଶିବ ମାଟିରେ ।" ଆଉ କେହି କହି ଅଛନ୍ତି, "ଧୂଳିର ଏ ମର କଳେବର, ଧୂଳିରେହିଁ ହେବ ତା ବିଲୟ ।" ଏହିପରି ଯୁଗେ ଯୁଗେ, ଦେଶେ ଦେଶେ, ବିଜ୍ଞ ବ୍ୟକ୍ତିମାନେ ମନୁଷ୍ୟ ଜୀବନକୁ ଦୁର୍ଲ୍ଲଭ, ଦୁର୍ମୂଲ୍ୟ ବସ୍ତୁ ବୋଲି କଳ୍ପନା ନ କରି ତାର ଅସାରତା ପ୍ରମାଣ କରିଅଛନ୍ତି । କିନ୍ତୁ ସେମାନଙ୍କ କଥାକୁ ବିବେଚନା କରି ଦେଖିଲେ ଜଣାଯିବ ଯେ, ସେମାନେ ଜୀବନକୁ ପ୍ରକୃତରେ ଅସାର ବୋଲି କହି ନାହାନ୍ତି । ସେମାନେ କହିଅଛନ୍ତି, କର୍ମହୀନ ମାନବ ଜୀବନହିଁ ଅସାର । ଯେଉଁ ଲୋକ ଅଯଥା ଭୋଗ ବିଳାସରେ ନିଜକୁ ଢାଳି ନ ଦେଇ ମନୁଷ୍ୟ ଜୀବନର କର୍ତ୍ତବ୍ୟ ଓ ପ୍ରଭୁଙ୍କର ଆଦେଶ ସାଧନରେ ବ୍ରତୀ ହୁଏ ସେହି ଲୋକହିଁ ବାସ୍ତବରେ ମନୁଷ୍ୟ । କର୍ମ କରିବା ମନୁଷ୍ୟର ସ୍ୱାଭାବିକ ପ୍ରବୃତ୍ତି । ଏହି ପ୍ରବୃତ୍ତି ଚରିତାର୍ଥ କରିବା ନିମନ୍ତେ ଭିନ୍ନ ଭିନ୍ନ ଯୁଗରେ, ଭିନ୍ନ ଭିନ୍ନ ଦେଶରେ, ଲୋକେ ନାନା ପ୍ରକାର କର୍ମର ସାଧନକୁ ଜୀବନର ଲକ୍ଷ୍ୟ ରୂପରେ ଗ୍ରହଣ କରିଅଛନ୍ତି । କେତେବେଳେ ନିଜର ଓ ପରିବାରର ଭରଣ ପୋଷଣ ଉପାର୍ଜନ କରିବା ଲାଗି, କେତେବେଳେ ଅବା ଈଶ୍ୱର ଆରାଧନାରେ ନିଜ ଆତ୍ମାର ସଦ୍‌ଗତି କାମନାରେ, ମନୁଷ୍ୟ ଅହରହ ଆପଣାକୁ କର୍ମଠ କରିଅଛି । ଆଜିକାଲି ପଣ୍ଡିତମାନେ କହୁଅଛନ୍ତି, ଏହି ଦୁଇ ଶ୍ରେଣୀର କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ମନୁଷ୍ୟକୁ ଦେଶ ଓ ଜାତିର କଲ୍ୟାଣ ନିମନ୍ତେ କେତେକ କାର୍ଯ୍ୟ କରିବାକୁ ହେବ । ଆଜି କାଲି ମନୁଷ୍ୟତା ବୋଇଲେ ସ୍ୱଦେଶବତ୍ସଳତା ଓ ମାନବପ୍ରେମିକତା ।

XLIV

ଦିନେ କେତେଗୁଡ଼ିଏ ଯୁବକ ଓ ବାଳକ ସୌଖୀନ ଭ୍ରମଣରେ ବାହାରିଅଛନ୍ତି ଏମନ୍ତ ସମୟରେ ବାଟରେ ଗୋଟିଏ ବୁଢ଼ା ଓ ପିଲା <u>ଝାଡ଼ା ଫେରି</u> ସାରି ଲୁଗାପଟା ଦେଇ ତାଙ୍କ ଆଗରେ ଚଳିବାର ସେମାନେ ଦେଖିଲେ । ତାଙ୍କ ମଧ୍ୟରୁ ଜଣେ ଯୁବକ ସେହି ପିଲାଟି ସଙ୍ଗେ କୌତୁକ

Digitized by srujanika@gmail.com

କରିବାକୁ ତାହା ନିକଟକୁ ଧାଇଁ ଯାଇ ତାକୁ କହିଲେ, "ପିଲା, ଏ ବହି, ପିଲଟ କଣ କରିବୁ?" "ମୁଁ ବିଦ୍ୟାଳୟରେ ପଢ଼ିବି ଯେ ବାପା ମୋତେ କିଣାଇ ଦେଇଛନ୍ତି।" "ଆଛା ମୋତେ ଦେଇ ଦେ, ମୋ ପୁଅ ଇସ୍କୁଲରେ ପଢ଼ୁଛି, ତାକୁ ନେଇ ଦେବି।" ଏହା କହି ଯୁବକ ତାର ବୋକଚ୍ଛଟିକୁ ଆଣି ନିଜ କାନ୍ଧରେ ପକାଇବାରୁ ପିଲାଟି କାନ୍ଦି ଉଠିଲା। ବୁଢ଼ା ଏକଥା ଦେଖି ପୁଅକୁ ରକ୍ଷା କରିବା ବା ସାନ୍ତ୍ୱନା ଦେବା ଦୂରେ ଥାଉ, ନିଜେ ଦୌଡ଼ି ଚାଲିଗଲା। ଯୁବକ ତହିଁରୁ ପିଲାଟିକୁ ଛାଡ଼ି ଦେଇ ଧାଇଁ ଧାଇଁ ଯାଇ ବୁଢ଼ାକୁ ଧରିଲେ। ବୁଢ଼ା ଗୋଟିଏ ପିକା ଲଗାଇଥିଲା। ପିକା ଟାଣି ଧୂଆଁ ଛାଡ଼ିବା କଥା ଭୁଲିଯାଇ ସେ ମିଛଟିକ ମଧ୍ୟରେ ପିକାଟାକୁ ଚୋବାଇ ଚୋବାଇ ଗିଳି ପକାଇଲା। ଲୁଗା କାନିରେ କେତେ ଗୁଡ଼ାଏ ଟଙ୍କା ବାନ୍ଧି ତାକୁ କାଖତଳେ ଲୁଚାଇ ଥିଲା। ସେ ବୁଜୁଳାଟି ହଠାତ୍ ଖସି ପଡ଼ିଲା। ଯୁବକ ତାକୁ ଦେଖି କହିଲେ, "ଟଙ୍କା ଗୁଡ଼ାକ ଆମେ ବାଲିରେ ରଖି ଦେଇ ଯାଇଥିଲୁ, ତୁ, ବୁଢ଼ା, ସିନା ପଳାଉଛୁ।" ବୁଢ଼ା ପଦେ କଥା ନ କହି ଖାଲି ବାହାରି ଯିବାକୁ ଟଣା ଓଟରା ଲଗାଇଥାଏ। ଭେଣ୍ଡିଆଙ୍କ ମୁଠାରୁ ଯାଉଛି କପରି? ପୁଣି କୌତୁକ ଦେଖିବାକୁ ପିଲାମାନେ ମାଡ଼ିଆସିଲେ। ସମସ୍ତେ କହୁଛନ୍ତି, "ବୁଢ଼ାକୁ ଧର।" ଅଳ୍ପ ଦୂରରେ ବୁଢ଼ାର ସାଙ୍ଗ ମଣିଷ ଥିଲେ, ବୁଢ଼ାର ଭୟରେ ଆଉ ଡାକି ପାରୁ ନାହିଁ। କୁଆଡ଼େ ବା ଯିବ? ଚାରିପାଖେ ମଣିଷ। ବୁଢ଼ା ସେହିପରି ଛଡ଼ା ହୋଇଛି, ତାର ଲୁଗାରେ ଝାଡ଼ା ହୋଇଗଲା। ତାହା ଦେଖି ଯୁବକ ଓ ବାଳକମାନେ ତାକୁ ଛାଡ଼ିଦେଲେ। ବୁଢ଼ା ପଛକୁ ଚାହିଁ ଚାହିଁ ଯାଇ ଗୋଟିଏ ନାଳରେ ଧୂଆ ଧୋଇ ହେଲା। ସେହି ଦଳ ମଧ୍ୟରୁ ଜଣେ ବାଳକ ତାକୁ ଯାଇ ପଚାରିଲେ, "କି ରେ ବୁଢ଼ା, ତୋର କଣ ହେଲା କି, ଗାଧୋଉଛୁ କିଆଁ?" ବୁଢ଼ା ଭୟରେ ଥରି ଥରି କହିଲା, "ଏତେ ଲୋକଙ୍କୁ ଦେଖି ମୋର ହିକିଏ ଭୀତ ହୋଇଗଲା, ବାବୁ।" ସେହି ଦଳ ମଧ୍ୟରେ ସେ କଥା ପଡ଼ିଲେ ଅଜଯାଏ ହାସ୍ୟ ରୋଳରେ ଗଗନମଣ୍ଡଳ ବିଦୀର୍ଣ୍ଣ ହୁଏ।

Digitized by srujanika@gmail.com

XLV

ବାରବାଟୀ କଲ୍ଲାପଡ଼ାରେ ସାହେବଙ୍କର ଯେଉଁ ବଡ଼ କୋଠିଟି ଥିଲା, ତାର ଚାରି ପାଖରେ ଗୋଟିଏ ଇଟା ପାଚେରି ବୁଲିଥିଲା । ଫାଟକ ଆଗରେ ଗୋଟିଏ ପ୍ରଶସ୍ତ ପକ୍କା ରାସ୍ତା ଏବଂ ତାର ଦୁଇ ପାଖରେ ଦୁଇଟି ସବୁଜ ଗଛର ଅଳ୍ପ ଉଚ୍ଚ ବାଡ଼ । ଗାଡ଼ି ଯେତେବେଳେ ହଠାତ୍ ଫାଟକ ପାଖେ ଆସି ଛିଡ଼ା ହୋଇଗଲା ସାହେବ ତାଙ୍କର କାମଦାମ ଛାଡ଼ି ଘର ଭିତରୁ ପାଟିକରି ଉଠିଲେ । ଗୋଟାଏ ବଡ଼ା କୁକୁର ବାରଣ୍ଡା ଉପରୁ ଦୌଡ଼ିଆସି ଗାଡ଼ି ନିକଟରେ ଅବଶ୍ରାନ୍ତ ସ୍ୱରରେ ଭୁକିବାକୁ ଲାଗିଲେ । କୋଚୱାନ ଗାଡ଼ି ଉପରୁ ଓହ୍ଲାଇ କୁକୁରମାନଙ୍କୁ ତାଡ଼େଇ ଦେଲା; ଏବଂ ଗାଡ଼ି ଦୁଆର ଫିଟାଇଲା । ସାହେବ ଏତେ ବେଳକୁ ଘର ଭିତରୁ ଆସି ପ୍ରଶସ୍ତ ବାରଣ୍ଡାରେ ଛିଡ଼ା ହେଲେଣି । ଏକଦୃଷ୍ଟିରେ ଚାହିଁଛନ୍ତି ଗାଡ଼ି ଭିତରୁ କିଏ ବାହାରିବ ଦେଖିବେ । ହଠାତ୍ ପ୍ରାୟ ପଚିଶ ବର୍ଷର ଜଣେ ଯୁବକ ହାତରେ ଗୋଟିଏ ବନ୍ଧୁକ ଧରି ଗାଡ଼ିଭିତରୁ ଓହ୍ଲାଇ ଭୂଇଁରେ ଛିଡ଼ାହେଲେ । ସେ ତାଙ୍କର ବହୁଦିନର ପରିଚିତ ବନ୍ଧୁ, ଏବେ ବାଘୁଆ ହୋଇ ବୁଲୁଛନ୍ତି । ତାଙ୍କୁ ଦେଖି ସାହେବ ତାଙ୍କ ବାଘୁଆ ହୋଇଥିବା କଥା ପାସୋରି ପକାଇ ବିସ୍ମୟ ଓ ଆନନ୍ଦରେ ତାଙ୍କ ନିକଟକୁ ଧାଇଁ ଆସିଲେ । ବହୁ ଦିନ ପରେ ବନ୍ଧୁଙ୍କୁ ଦେଖିଲେ ଯେପରି ଆଦର, ଅଭ୍ୟର୍ଥନା କରନ୍ତି, ତା କହିବାରେ ତାଙ୍କର କିଛି ତ୍ରୁଟି ରହିଲା ନାହିଁ । ତତ୍ପରେ ଯୁବକ ଅକସ୍ମାତ୍ କୁଆଡ଼େ ଆସିଅଛନ୍ତି ବୋଲି ସାହେବ ପଚାରିଲାରୁ ସେ ଉତ୍ତର କଲେ, "ମୁଁ ତୁମ୍ଭ ନିକଟକୁ ଆସିଅଛି । ତୁମ୍ଭେ ଜାଣ ମୁଁ ଏବେ ବାଘୁଆ । ତୁମ୍ଭଙ୍କୁ ଏହି ବନ୍ଧୁକରେ ଗୁଳି କରି ମାରିଦେଲେ ମୋର ବାଘୁଆପଣ ଛାଡ଼ି ଯିବାର ମୁଁ ଆଶାକରେ ।" ଏହା ଶୁଣି କେତେ ଅତୀତ ସ୍ମୃତି ସହସା ସାହେବଙ୍କ ମନରେ ଜାଗି ଉଠିଲା । ଆଖିରେ ବିଚିତ୍ର ଉଲ୍ଲାସର ଜ୍ୟୋତି ଦେଖାଗଲା, ବଦନମଣ୍ଡଳ ସୁନ୍ଦର ହୋଇ ଆସିଲା । ସେ ଆଉ ପଦେ କଥା କହିଲେ ନାହିଁ । କେବଳ ଧୀର ଭାବରେ ବୁକୁ ପତାଇ ଦେଲେ ।

Digitized by srujanika@gmail.com

XLVI

ମଧୁ—ହରି, କହି ପାରିବୁ ଆଜକାଲି ବଜାର ଦର କିପରି ଅଛି ?

ହରି—ଓଃ, ସେକଥା ଆଉ କହ ନା, ଭାଇ ! କି ଯୁଦ୍ଧ ହେଲା, ଲୋକେ ଜିନିଷ ପତ୍ର ବିନା ବ୍ୟତିବ୍ୟସ୍ତ ହୋଇ ଗଲେଣି ! ଭଗବାନଙ୍କୁ ଜଣା କେବେ ଏହି ସମଗ୍ର ପୃଥିବୀବ୍ୟାପୀ ଘୋର ଯୁଦ୍ଧର ଉପଶମ ହେବ ।

ମଧୁ—ଅଚ୍ଛା, ଯୁଦ୍ଧ ତ ଇଉରୋପରେ ହେଲା; ଆମ ଦେଶର ସେଥିରେ କଣ ଗଲା ଯେ, ଜିନିଷ ପତ୍ରରେ ଆଉ ମୁହଁ ପୁରେଇ ହେଲା ନାହିଁ ! କୁରୁପାଣ୍ଡବଙ୍କ ଯୁଦ୍ଧ ତ ଏପରି ଭୀଷଣ ହୋଇଥିଲା ଯେ, ବ୍ୟାସଦେବ ମହାଭାରତ ପରି ଏଡ଼େ ବଡ଼ ଗ୍ରନ୍ଥଟାଏ ଲେଖିଗଲେ, ତଥାପି ସେ ଯୁଦ୍ଧ ସମୟରେ ଦେଶରେ ଜିନିଷ ବହୁମୂଲ୍ୟ ହେବାର ତ କାହିଁ ମହାଭାରତର କୌଣସି ଠାରେ ଲେଖା ନାହିଁ ?

ହରି—ଯାଃ, କାହିଁ ବର୍ତ୍ତମାନ ଯୁଦ୍ଧ, କାହିଁ ମହାଭାରତ ଯୁଦ୍ଧ ! ମହାଭାରତ ଯୁଦ୍ଧ ସାମାନ୍ୟ ଭୂମିଖଣ୍ଡରେ ବ୍ୟାପିଥିଲା । ଓଡ଼ିଶାର ଲୋକେ ସେ ଯୁଦ୍ଧ ଧକ୍କାରୁ ହୁଏ ତ ସମ୍ପୂର୍ଣ୍ଣ ନିରାପଦରେ ଥିଲେ । ଭାରତ ଛଡ଼ା ଅନ୍ୟ ଦେଶରେ ବା ତାହାର ଭୟ କାହିଁକି ହୋଇଥିବ ? କିନ୍ତୁ ବର୍ତ୍ତମାନ ଯୁଦ୍ଧରେ ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ସମଗ୍ର ପୃଥିବୀ ବିଚଳିତ ହୋଇଅଛି ।

ମଧୁ—ହଁ ସତ କଥା, ଅସ୍ମେମାନେ ଏକ ସମୟରେ ବହୁ ଦିନ ପର୍ଯ୍ୟନ୍ତ ଏ ଦେଶରେ ଯୁଦ୍ଧକ୍ଷେତ୍ରରୁ ଏତେ ଦୂରରେ ରହି ମଧ୍ୟ ସର୍ବଦା ଜର୍ମାନ ଆକ୍ରମଣର ଆଶଙ୍କା କରୁଥିଲେ । ତେବେ, ଜିନିଷ ପତ୍ରର ଦର ଏତେ ଚଢ଼ା ହେଲା କାହିଁକି ?

ହରି—ନ ହେବ ବା କଣ ହୁଅନ୍ତା ? ପୃଥିବୀର ପ୍ରାୟ ଅଧିକାଂଶ ଉତ୍ପନ୍ନ ଦ୍ରବ୍ୟ ଯାହା ଆମ ଦେଶକୁ ଆସେ, ସେ ସବୁ ପ୍ରାୟ ଜର୍ମାନ ଓ ଇଂଲଣ୍ଡ ହାତରେ । ସେମାନେ ଦିବା ରାତ୍ର ଯୁଦ୍ଧରେ ମାତିଲେ, ଆଉ ବାଣିଜ୍ୟ କରୁଛି କିଏ ?

Digitized by srujanika@gmail.com

ମଧୁ—କାହିଁକି, ଅନ୍ୟ ଜାତିମାନେ ? ଆମ ଦେଶୀ ଲୋକେ ବା କାହିଁକି ନ କରୁଛନ୍ତି ?

ହରି—ହଁ, ଅନ୍ୟ ଜାତିମାନେ ବା କରନ୍ତେ; କିନ୍ତୁ ଜର୍ମାନର ନୃଶଂସ ଜଳଦସ୍ୟୁ ବୃତ୍ତିରୁ ସେମାନଙ୍କ ବାଣିଜ୍ୟ ଜାହାଜମାନ ବେଳେ ବେଳେ ସମୁଦ୍ରସାତ୍ ହେଉଥିବାରୁ, ସେମାନେ ଅତି ପୂର୍ବପରି ସାହସରେ ଅନ୍ତର୍ଜାତୀୟ ବାଣିଜ୍ୟ ଚଳାଉ ନାହାନ୍ତି । ଆମ ଦେଶ କଥା କାହିଁକି ପଚାରୁଛ ? ଆମ ଦେଶରେ ଯଦି ସେପରି ବାଣିଜ୍ୟ ପ୍ରବୃତ୍ତି ଥାନ୍ତା, ଯୁଦ୍ଧ ଶେଷ ବେଳକୁ ଏହି ସୁଯୋଗରେ ଏହା ଗୋଟିଏ ପ୍ରଧାନ ଦେଶ ହୁଅନ୍ତା ।

XLVII

ଯେଉଁମାନେ ଶୀତକାଳ ସକାଳେ ଖୋଲା ଜାଗାରେ ଭ୍ରମଣ କରିଥିବେ, ସେମାନେ ଜାଣିଥିବେ କିପରି ଚତୁର୍ଦ୍ଦିଗରେ ଧୂମ୍ରବଳୟ ଘୋର ତମସାଚ୍ଛନ୍ନ ଥିବାରୁ ବେଳେ ବେଳେ ସୂର୍ଯ୍ୟ ଆଦୌ ଦେଖାଯାଏ ନାହିଁ । ଦିନ ହୁଏତ ଆଠଟା ବାଜେ, ତଥାପି ଖରାରେ ଗୁଡ଼ଲା ପରି ଦେହକୁ ଆଦୌ ଜଣା ପଡ଼େ ନାହିଁ । କେହି ତୁମ ଭିତରୁ କହି ପାରିବ, କାହିଁକି ଖରା ଦିନରେ ସକାଳ ଆଠଟା ବେଳକୁ ସୂର୍ଯ୍ୟ କିରଣରେ ଦେହ ପୋଡ଼ିଯାଏ, ଅଥଚ ଶୀତକାଳରେ ସେହି ସମୟକୁ ଦେହ ସର୍ବଦା ସୂର୍ଯ୍ୟ କିରଣ ଲୋଡ଼ୁଥାଏ ? ସୂର୍ଯ୍ୟଙ୍କର ଦକ୍ଷିଣାୟନ ହେବାରୁ କେବଳ ଯେ ଏହା ହୁଏ, ତାହା ନୁହେଁ । କାରଣ, ଦିନେ ଦିନେ ଦେଖିଥିବ, ସକାଳ ୮ଟା ବେଳକୁ ସୂର୍ଯ୍ୟ କିରଣ ଯଥେଷ୍ଟ ପଡ଼ି ଚତୁର୍ଦ୍ଦିଗରେ ଏକ ରୌପ୍ୟାଭରଣ ପରି ଧବଳପୃଷ୍ଠ ଆଚ୍ଛାଦନ କରି ଦିଏ । ଏହାର ପ୍ରଧାନ କାରଣ ଚତୁର୍ଦ୍ଦିଗ କୁହୁଡ଼ିରେ ଆଚ୍ଛନ୍ନ ଥିବାରୁ, ତାହା ଭେଦ କରି ସୂର୍ଯ୍ୟ କିରଣ ପୃଥିବୀକୁ ଆସିପାରେ ନାହିଁ । କୁହୁଡ଼ି ଯଦି କେବଳ ବାଷ୍ପୀୟ ପଦାର୍ଥ ହୋଇଥାନ୍ତା, ତାହା ହେଲେ ସୂର୍ଯ୍ୟ କିରଣ ଅନାୟାସରେ ତାହା ଭେଦ କରି ପାରୁଥାନ୍ତା ।

Digitized by srujanika@gmail.com

କୁହୁଡ଼ି କେବଳ ବାଯୁବାଯୁ ନୁହେ । ସୂର୍ଯ୍ୟ ଉତ୍ତାପଦ୍ୱାରା ଜଳ ଉପରୁ ଯେଉଁ ବାଷ୍ପ ଉତ୍ଥିତ ହୁଏ, ତାହା ଉପରିସ୍ଥ ଥଣ୍ଡା ବାଯୁ ସଂସ୍ପର୍ଶରେ ଆସିଲାରୁ କ୍ରମେ ଘନୀଭୂତ ହୋଇ କ୍ଷୁଦ୍ର କ୍ଷୁଦ୍ର ଜଳବିନ୍ଦୁରେ ପରିଣତ ହୁଏ । ସେହି ଅସଂଖ୍ୟ ଜଳବିନ୍ଦୁଦ୍ୱାରା ବାଯୁ ମଣ୍ଡଳ ଏପରି ପରିପୂର୍ଣ୍ଣ ହୁଏ ଯେ ଚତୁର୍ଦ୍ଦିଗ କେବଳ ଘୋର ଧୂମାଚ୍ଛନ୍ନ ଦେଖାଯାଏ, ଏବଂ ବାଯୁ ସୂର୍ଯ୍ୟ କିରଣକୁ ତାହା ଭିତରେ ଛାଡ଼ି ଦିଏ ନାହିଁ । ଏହି କାରଣରୁ ଶୀତଦିନ ସକାଳେ ବେଳ ହୁଏତ ୮ଟା ବାଜେ, ଅଥଚ ଅନ୍ଧକାର ପୂର୍ଣ୍ଣ ଭାବରେ ଅପସାରିତ ହୋଇ ନ ଥାଏ; କି ସୂର୍ଯ୍ୟ କିରଣ ପ୍ରଖର ଭାବରେ ପଡ଼ି ଧରାତଳ ଉତ୍ତପ୍ତ କରି ପାରି ନ ଥାଏ ।

XLVIII

ଭାଇ, ଅନେକ ଗୁଡ଼ାଏ କଥା ଲେଖି ପକାଇଲି । ପିଲାମାନେ ହୁଏତ ମନରେ ବିଚାରିବେ, ଆମର ଦୋଷ ଦେଖାଉଛୁ, ଏଇଟା କଏ ? ଗାଳି ସହିବାକୁ ରାଜି ଅଛୁ । ତେବେ ଯାହା ଦେଖାଇଲି ସେଇଟା ତ ଦୋଷ । ସେ ଟିକିକ ନ ଦେଖିଲେ, କିଏ ଆଉ ଦେଖାଇବ ? ପିଲାଟିମାନେ ମୋର ଏ ବୁଢ଼ା ଆଖିରେ ପୁନଅର ଜନ୍ମ ପରି । ପୂର୍ଣ୍ଣ ଚନ୍ଦ୍ରମାର ଏ କଳାଟିକିକ ପୁଣି ଆଉ କାହିଁକି, ବାବୁ ? ତୁମ୍ଭେମାନେ ଦେଶର ଅମୂଲ୍ୟ ସମ୍ପଦ । ଆପଣାକୁ ଟିକିଏ ଚିହ୍ନିଲ, ଚିହ୍ନିଲ । ଭାଇ, ଆପଣ ତ କାଡ଼୍ ଖଣ୍ଡିକରେ ଚିଠି ଲେଖିଲେ ସନ୍ତୁଷ୍ଟ ହୁଅନ୍ତି ନାହିଁ । ଦୁଇ ପଇସା ଦେଉଚ, ପାହୁଲେ କାହିଁ ଛାଡ଼ିବ ? ଆଉ ଦଶ ପନ୍ଦର ଧାଡ଼ି ଲେଖିଁ । ତେବେ ପାହୁଲେ ପାଇବାକୁ ଯାଇ, ଏଣେ କାଳି, କଲମ ମୁନର ଘୋର ଆଦରେ ଯେପରି ସେଇଟିକି କ୍ଷତ ହୋଇ ନ ଯାଏ, ତା ମଧ୍ୟ ଦେଖିବାକୁ ହେବ । ହିସାବ କିତାବର ତ କଥା ? କଡ଼ାକ ଯେଉଁ ଅନେଶତ ପ୍ରମାଣରେ ବଢ଼ନ୍ତି, ସେଇଟିକି ଲାଭ ମିଳିଲେ ମଧ୍ୟ କରି ଥିସେ । ଆପଣ ସବୁ ବି: ଏ: ରେ ଧନ ବିଜ୍ଞାନ ପଢ଼ିଥିଲେ ? କଣ କହୁଛନ୍ତି ? ଏହିପରି ହିସାବ କିତାବରେ ଜାତୀୟ ଧନ ବଢ଼ିବ କି ନା ? ଟଙ୍କା ପଇସାରେ କେବଳ ତ ଜାତୀୟ ଧନ ମପାଯାଏ

Digitized by srujanika@gmail.com

ନାହିଁ । ବାସ୍ତବିକ ଟଙ୍କା ପଇସାଦି ମୁଦ୍ରା ଧନର ଚିହ୍ନ ମାତ୍ର । ବ୍ୟବହାର ଉପଯୋଗୀ ପଦାର୍ଥ ସବୁ ଧନ ? ସେହି ପଦାର୍ଥର ସଂରକ୍ଷଣରେ ସିନା ଧନ ବୃଦ୍ଧି ହେବ ।

XLIX

ଭାରତର ସଭ୍ୟତାର ପ୍ରକୃତି ସ୍ୱତନ୍ତ୍ର । ଏ ସଭ୍ୟତାର କେନ୍ଦ୍ର ନଗର ନୁହେ, ଗ୍ରାମ । ସହର ଯେ ଏ ଦେଶରେ ନାହିଁ ବା ନ ଥିଲା ତାହା ନୁହେ; କିନ୍ତୁ ପଲ୍ଲିର କାନ୍ତ ପ୍ରକୃତି କୋଳରେ ଯେଉଁ ସଭ୍ୟତା କାଳେ କାଳେ ବଢ଼ି ଆସୁଛି, ତାହାହିଁ ନଗର ଜୀବନକୁ ପ୍ରଭାବିତ କରୁଅଛି । ନଗର ଜୀବନର ପ୍ରକୃତି ଓ ଗତି ସର୍ବଦା ଏ ଦେଶରେ ଜାନପଦ ଜୀବନ ଦ୍ୱାରା ପ୍ରଭାବିତ ଓ ପରିଚାଳିତ ହୋଇଅଛି । ଜନପଦହିଁ ଆର୍ଯ୍ୟ ସଭ୍ୟତାର ସର୍ବସ୍ୱ । ବିଜାତୀୟ ସଭ୍ୟତାର ପ୍ରଭାବ ଏ ଦେଶରେ ବେଳେ ବେଳେ ପଡ଼ିଅଛି । କିନ୍ତୁ ଭାରତ ଜୀବନରେ କୌଣସି ବିଜାତୀୟ ସଭ୍ୟତାର ଉପାଦାନ ସହର ମୁଖରେ ଆସି ପଲ୍ଲି ଜୀବନକୁ ସହରରୁ ବିଚ୍ଛିନ୍ନ ରଖି ନାହିଁ । ଅନ୍ୟ ସଭ୍ୟତାର ପ୍ରଭାବ ଯଦି କିଛି ପଡ଼ିଅଛି, ତାହା ଆର୍ଯ୍ୟ ଜୀବନର ଅଙ୍ଗୀଭୂତ ହୋଇ ଆପଣାର ସତ୍ତା ହରାଇଅଛି, ଏବଂ ତାହା ଯେତେବେଳେ ପଲ୍ଲୀ ଜୀବନକୁ ପ୍ରଭାବିତ କରିପାରି ନାହିଁ, ସେତେବେଳେ ବାହାରଙ୍ଗର ଅନାବଶ୍ୟକୀୟ ଅଳଙ୍କାର ପରି ଅଚିରେ ଅନ୍ତର୍ହିତ ହୋଇଅଛି, ଏବଂ ସ୍ଥାନେ ସ୍ଥାନେ ଭାରତର ପ୍ରାକୃତିକ ସଭ୍ୟତାରୁ ବିଚ୍ଛିନ୍ନ ହୋଇ ସ୍ୱତନ୍ତ୍ର ରହିଅଛି । ଆଜି ପାଶ୍ଚାତ୍ୟ ଶିକ୍ଷା ବଳରେ ଲୋକେ ବହୁପରିମାଣରେ ପଶ୍ଚିମ ଦେଶମାନଙ୍କ ଆଦର୍ଶରେ ଭାରତ ସଭ୍ୟତା ଅନୁଧାବନ କରନ୍ତି । କିନ୍ତୁ ସେଥିରେ ସତ୍ୟର ନିକଟବର୍ତ୍ତୀ ହେବା ସମ୍ଭବ ନୁହେ । ପଶ୍ଚିମରେ ସହରହିଁ ଜାତୀୟ ଜୀବନର ସର୍ବସ୍ୱ । ପ୍ରାଚ୍ୟ ପାଶ୍ଚାତ୍ୟର ଗୋଟିଏ ମହାଭେଦ ଏହିଠାରେ ।

L

ହିନ୍ଦୁମାନଙ୍କର ଶାସ୍ତ୍ରଅନୁସାରେ ସ୍ତ୍ରୀର ଏହି ଦୁଇଟି ପ୍ରଧାନ କାର୍ଯ୍ୟ । ପତିଙ୍କୁ ଦେବତା ସ୍ୱରୂପ ମଣି ତାହାଙ୍କୁ ସେବା ଦ୍ୱାରା ସନ୍ତୁଷ୍ଟ ରଖିବା ଏବଂ

Digitized by srujanika@gmail.com

ସନ୍ତାନମାନଙ୍କୁ ପ୍ରତିପାଳନ କରିବା । ସ୍ତ୍ରୀମାନେ ଦୁର୍ବଳା ଓ ସରଳା ଏବଂ ଆତ୍ମରକ୍ଷା କରିବାକୁ ଅସମର୍ଥା । ତେଣୁ ଶାସ୍ତ୍ରକାରମାନେ ମତ ଦେଇ-ଅଛନ୍ତି ଯେ, ସେମାନେ ପୁରୁଷମାନଙ୍କର ଅଧୀନ ରହିବେ । ଶାସ୍ତ୍ରରେ ସ୍ତ୍ରୀମାନଙ୍କୁ ଶିକ୍ଷା ଦେବାର ବିଧାନ ଅଛି । ସେମାନଙ୍କଠାରୁ ପରାମର୍ଶ ନେବା ଓ ସେମାନଙ୍କୁ ସମ୍ମାନ ଦେଖାଇବାର ମଧ୍ୟ ବିଧାନ ରହିଅଛି । କିନ୍ତୁ କାଳକ୍ରମେ ଲୋକେ ଶାସ୍ତ୍ରବିଧାନମାନ ଲଙ୍ଘନ କରିଅଛନ୍ତି । ସେହି ହେତୁରୁ ବର୍ତ୍ତମାନ ଭାରତରେ ସ୍ତ୍ରୀମାନଙ୍କର ଏତେ ଅବନତି ଘଟିଅଛି । ସେମାନଙ୍କର ଅବନତି ଘଟିବାରୁ ଆମ୍ଭମାନଙ୍କର ମଧ୍ୟ ଦୁର୍ଦ୍ଦଶା ଉପସ୍ଥିତ ହୋଇଅଛି ।

(From University Papers)

LI

ମାଳୀ—ଶମ୍ଭୁ, ତୁମେ ତ ବେଶ ଲୋକ ।

ଶମ୍ଭୁ—ସମୁଦ୍ର ସମସ୍ତଙ୍କର; ଆଉ ଯେ ମୋର କ୍ଷତି ନ କରିବ ମୁଁ ମଧ୍ୟ ତାର କିଛି [illegible] ନାହିଁ ।

ମାଳୀ—ଆକାଶଟି ସମସ୍ତଙ୍କର; ତାହା ବୋଲି କଣ ମୁଁ ତୁମ୍ଭ ଘର ଉପରେ ଚଢ଼ି ହୋଇ ଆକାଶ ଦେଖିବାକୁ ଯିବ ? ତୁମ୍ଭର ଯଦି ଟିକିଏ ନ୍ୟାୟ ବିଚାର ଥାନ୍ତା, ତାହାହେଲେ ତୁମେ କେବେହେଁ ଏପରି ଜଣେ ବୁଢ଼ା ଲୋକକୁ ବିରକ୍ତ କରିବାକୁ ଆସନ୍ତ ନାହିଁ ।

ଶମ୍ଭୁ—ତାଙ୍କୁ ବା ତୁମ୍ଭଙ୍କୁ ବିରକ୍ତ କରିବା ମୋର ଉଦ୍ଦେଶ୍ୟ ନୁହେ । ତୁମେ ଟିକିଏ ଧୈର୍ଯ୍ୟ ଧର, ଆମ ଭିତରେ ପରେ ବେଶ ବନ୍ଧୁତା ହେବ ।

ମାଳୀ—ତୁମ ସଙ୍ଗରେ ବନ୍ଧୁତା ! ସେହି ପାହାଡ଼ ଭିତରେ ଯେଉଁ ପ୍ରକାଣ୍ଡ ଗର୍ତ୍ତ ଅଛି, ଯଦି କେବେ ତୁମେ ଜୁଆର ବେଳେ ସେଥିରେ ପଡି ଯାଅ, ତାହା ହେଲେ ମୁଁ ତୁମ୍ଭଙ୍କୁ ରକ୍ଷା କରିବାପାଇଁ ଟିକିଏ ହାତ ଉଠାଇବି ନାହିଁ ।

ଶମ୍ଭୁ—ନିଶ୍ଚୟ ତୁମେ ମୋତେ ରକ୍ଷା କରିବ, ତୁମ ହାତକୁ ସେହି ଅଙ୍କୁଶିରେ ସମୁଦ୍ରଜଳ ଟାଣି ଆଣିଲା ପରି ମୋତେ ମଧ୍ୟ ଟାଣି ଆଣିବ ।

Digitized by srujanika@gmail.com

LII

ଏପିକ୍‌ଟେଟସ୍ ନାମରେ ଜଣେ ପ୍ରାଚୀନ ଗ୍ରୀସ୍ ଦେଶର ଖ୍ୟାତନାମା ପଣ୍ଡିତ ଜୀବନରେ ଦିନାକେତେ କୌଣସି ଧନାଢ୍ୟ ରୋମବାସିଙ୍କ ଘରେ ଦାସ ହୋଇଥିଲେ । ରୋମ ପ୍ରଭୃତି ଦେଶମାନଙ୍କରେ ଦାସ ମାନଙ୍କ ପ୍ରତି ଲୋକେ କିପରି ଦୁର୍ବ୍ୟବହାର କରୁଥିଲେ, ତାହା ଅନେକେ ଜାଣନ୍ତି । ଏପିକ୍‌ଟେଟସ୍ ବଡ଼ ଧୀର ଓ ପ୍ରାଜ୍ଞ ଥିବାର ଅନୁମାନ କରି ତାଙ୍କ ମୁନିବ ପରୀକ୍ଷା କରିବାପାଇଁ ଦିନେ ଗୋଟିଏ ବଡ଼ ନିଷ୍ଠୁର, ଦୁରନ୍ତ କ୍ରିୟା ଆଚରଣ କରିଥିଲେ । ସେ ଏପିକ୍‌ଟେଟସ୍‌ଙ୍କର ଗୋଟିଏ ପାଦ ହାତରେ ଧରି ନିଜର ଗୋଟିଏ ପାଦ ତାଙ୍କ ଅଣ୍ଟା ଉପରେ ପକାଇ, ନିଜ ପାଦଟି ଚପି, ହାତରେ ତାଙ୍କ ପାଦଟି ଉଠାଇବାକୁ ଲାଗିଲେ । କ୍ରମେ ଅଧିକ ବଳ ପ୍ରୟୋଗ କରିବାରୁ ଏପିକ୍‌ଟେଟସ୍ ଧୀର ଭାବରେ କହିଲେ, "ଏପରି କଲେ ମୋ ଗୋଡ଼ଟି ଭାଙ୍ଗିଯିବ ।" ବାସ୍ତବିକ ମୁନିବଙ୍କର ନିଷ୍ଠୁର ଆଚରଣରେ ଗୋଡ଼ଟି ଅଣ୍ଟାରୁ ଭାଙ୍ଗିଗଲା । କିନ୍ତୁ ଧୀର ଏପିକ୍‌ଟେଟସ୍ ସେତେବେଳେ ସୁଦ୍ଧା ଅମ୍ଳାନ-ବଦନରେ ଶାନ୍ତ ସ୍ୱରରେ କହିଲେ, "ମୁଁ ତ କହିଥିଲି ଗୋଡ଼ଟି ଭାଙ୍ଗିଯିବ ବୋଲି ।" କି ଆଶ୍ଚର୍ଯ୍ୟ ! ଏ ସହିଷ୍ଣୁତା ମନୁଷ୍ୟ କି କଳ୍ପନା କରିପାରେ ? ପ୍ରାଚୀନ ଭାରତର ଉପାଖ୍ୟାନମାନଙ୍କରେ ଏଭଳି ସଂଯମ ଓ ଆତ୍ମଶାସନର ଦୃଷ୍ଟାନ୍ତ ବହୁତ ମିଳେ । ଶିଖିଧ୍ୱଜ, ସୁଧନ୍ୱା ପ୍ରଭୃତିଙ୍କର ବୀର ଚରିତ୍ର ସବୁ ଆମ୍ଭମାନଙ୍କ ଜାତୀୟ ଜୀବନକୁ ଏବେ ବି ପ୍ରଭାବିତ କରୁଅଛି । କାବ୍ୟ ପୁରାଣାଦିର ଏସବୁ କିଂବଦନ୍ତୀକଳ୍ପ ଗଳ୍ପ ଗୁଡିକ ତତ୍‌କାଳୀନ ସାମାଜିକ ଅବସ୍ଥାର ସାକ୍ଷୀ ମାତ୍ର ।

LIII

ଯେବେ କେବଳ ସୁଖ ସ୍ୱଚ୍ଛନ୍ଦରେ ଜୀବନ କଟାଇବାକୁ ଇଚ୍ଛା କର, ତେବେ ଆୟର ଅର୍ଦ୍ଧାଂଶ ବ୍ୟୟ କର । ଯେବେ ଧନୀ ହେବାକୁ ଇଚ୍ଛା କର ତେବେ ଆୟର ତୃତୀୟାଂଶରୁ ଅଧିକ ବ୍ୟୟ କର ନାହିଁ । ଏହା କେବଳ

Digitized by srujanika@gmail.com

ସାହେବ ଲେଖି ଯାଇ ଅଛନ୍ତି । ପ୍ରକୃତରେ ଏହା ସତ୍ୟ, ଏବଂ ଏହି ଉପଦେଶ ମନେ ରଖି ଗୃହି ବ୍ୟକ୍ତିର ଚାଲିବା ଉଚିତ । ସମସ୍ତଙ୍କର ନିୟମିତ ରୂପେ ହିସାବ ରଖିବା କର୍ତ୍ତବ୍ୟ । ପ୍ରତିଦିନ କି କି ଖର୍ଚ୍ଚ ହେଲା ତାହା ମଧ୍ୟ ଲେଖି ରଖିବାକୁ ହେବ । ଅନେକ ଲୋକ ମନେ କରନ୍ତି, ମୁଁ ତ ନିଜେ ଖର୍ଚ୍ଚ କରୁଅଛି, ଲେଖି ରଖିବି କାହିଁକି ? ଅଳ୍ପ ବ୍ୟୟର ହିସାବ ରଖିବା କି ପ୍ରୟୋଜନ ? ଏହା ସେମାନଙ୍କର ଭ୍ରମ । ଯେବେ ହିସାବ ଥିବ, ତେବେ କେଉଁ ମାସରେ କେଉଁ ବାବଦରେ ଊଣା କି ଅଧିକ ଖର୍ଚ୍ଚ ହେଲା ତାହା ଜଣା ପଡିବ । ତାହା ଦେଖି ଭବିଷ୍ୟତକୁ ଲୋକ ସାବଧାନ ହୋଇ ପାରିବ । ସେହି ହେତୁରୁ ହିସାବ ରଖିବା ତୁଚ୍ଛ କଥା ବୋଲି ମଣିବ ନାହିଁ । ହିସାବ ଥିଲେ ତୁମ୍ଭଙ୍କୁ କେହି ଭୁଲାଇ ପାରିବେ ନାହିଁ ।

(From University Papers)

LIV

ସହସା ଗୋଟିଏ ତୀକ୍ଷ୍ଣ ତୀର ଆସି ଦୁର୍ଗାବତୀଙ୍କ ବିଶାଳ ନୟନରେ ବିଦ୍ଧ ହେଲା । ରାଣୀ ତାହାକୁ ବାହାର କରିବାର ଚେଷ୍ଟା କଲେ । କିନ୍ତୁ ତାହା ଭାଙ୍ଗିଯାଇ ଚକ୍ଷୁରେ ରହିଗଲା । ତହୁଁ ତହୁଁ ଆଉ ଗୋଟିଏ ତୀର ରାଣୀଙ୍କର ଗ୍ରୀବାଦେଶ ଭେଦକଲା । ଏହାକୁ ମଧ୍ୟ ସେ ସାହସ ପୂର୍ବକ ବାହାର କରି ପକାଇଲେ । ଏହି ପ୍ରକାର ବାଣବିଦ୍ଧ ହୋଇ ଅଚେତନ ହୋଇ ପଡ଼ିଲେ । ଅଧର ସିଂହ ନାମକ ତାଙ୍କର ଜଣେ ବିଶ୍ୱସ୍ତ ଭୃତ୍ୟ ଥିଲା । ସଜ୍ଞା ଲାଭକରି ରାଣୀ ତାହାକୁ କହିଲେ, "ଦେଖ ଅଧର, ମୁଁ ତୁମ୍ଭଙ୍କୁ ଶ୍ରଦ୍ଧା ଏବଂ ବିଶ୍ୱାସ କରିଅଛି; ମୋହର ଏହି ଆଶା ଯେ, ତୁମ୍ଭେ ମୋତେ ଶତ୍ରୁର ଅପବିତ୍ର ହସ୍ତରେ ପତିତ ହେବାକୁ ଦେବ ନାହିଁ ।" ଏହା କହି ଉକ୍ତ କର୍ମଚାରୀର ତରବାରି ପ୍ରତି ଅନାଇ ରହିଲେ । ରାଣୀଙ୍କର ପ୍ରାଣ ବିନାଶ କରିବା ନିମିତ୍ତ ଅଧର ସିଂହର ହସ୍ତ ଚଳିଲା ନାହିଁ । ସେ ଅକୁଳ ହୋଇ କ୍ରନ୍ଦନ କରିବାକୁ ଲାଗିଲା, ଏବଂ ରଣଭୂମିରୁ

Digitized by srujanika@gmail.com

ପଳାଇବାପାଇଁ ବାରମ୍ବାର ପ୍ରାର୍ଥନା କଲା । ଦୁର୍ଗାବତୀ ଶତ୍ରୁ ସମକ୍ଷରେ ପଳାଇବାକୁ ସମ୍ମତ ହେଲେ ନାହିଁ । ସେ କହିଲେ, "ମୁଁ କି ଛାର ଏହି ଜୀବନ ଲାଗି ପବିତ୍ର କ୍ଷତ୍ରିୟ ଧର୍ମକୁ କଳଙ୍କିତ କରିବି ?"

(From University Papers)

LV

ଗ୍ରୀନ୍‌ଲଣ୍ଡ ପ୍ରଭୃତି ଉତ୍ତରମେରୁ ସନ୍ନିକର୍ଷ ଭୂମିରେ ଏସ୍କିମୋ ନାମକ ଏକ ଜାତିର ଲୋକ ବାସ କରନ୍ତି । ସେଠାରେ ବର୍ଷର ଛ ମାସ ଏକାଦିକ୍ରମେ ଦିନ ଓ ଛ ମାସ ରାତି ହୁଏ । ସେମାନେ ବରଫ ସ୍ତୂପ ମଧ୍ୟରେ ଖଣ୍ଡିଏ ଖଣ୍ଡିଏ କାଟି ଗହ୍ୱର ପ୍ରସ୍ତୁତ କରି ସେଥିରେ ରହନ୍ତି । ସେଠାରେ ଭୂମି ସର୍ବଦା ବରଫାବୃତ ଓ ବାୟୁ ସର୍ବଦା ତୁଷାରମୟ ଥିବାରୁ କୃଷି ହୋଇ ପାରେ ନାହିଁ । ସେମାନେ ଜୀବଜନ୍ତୁଙ୍କର ମାଂସ ଓ ବସା ଖାଇ ପ୍ରାଣଧାରଣ କରନ୍ତି । ମାଛ ଓ ଏକ ପ୍ରକାର ତୁହିନବାସୀ ହରିଣଙ୍କ ବ୍ୟତୀତ ଶ୍ୱେତ ଭଲ୍ଲୁକ ଶିକାର କରି, ତାର ମାଂସ ଭକ୍ଷଣ କରନ୍ତି; ଏବଂ ଚମଡ଼ା ପରିଚ୍ଛଦ ରୂପେ ବ୍ୟବହାର କରନ୍ତି । ଏହି ଭାଲୁଙ୍କ ଲୋମ ବଡ଼ ଓ ଘନ ହୋଇଥିବାରୁ ମୈରବ ଦେଶରେ ଯେତେ ଶୀତ ହେଲେହେଁ ତାହା ସହଜରେ ନିବାରିତ ହୁଏ । ଏସ୍କିମୋମାନଙ୍କର ଏକ ପ୍ରକାର ଗାଡ଼ି ଅଛି, ସେଥିରେ ଚକ ରହିଲେ, କାଳେ ଚକ ବରଫରେ ବୁଡ଼ିଯାଇ ଗାଡ଼ି ଦ୍ରୁତବେଗରେ ଚାଲିବାରେ ବାଧା ଘଟିବ, ସେଥି ପାଇଁ ତାହାକୁ ବରଫ ଉପରେ ଓଟାରି ଓଟାରି ନିଅନ୍ତି । ସେ ଦେଶରେ ମାଆ ପିଲାମାନଙ୍କୁ ଲୋମ ନିର୍ମିତ ଥଳରେ ପୂରାଇ ପିଠିରେ ଓହଳାଇ କାର୍ଯ୍ୟୋପଲକ୍ଷ୍ୟରେ ସ୍ଥାନରୁ ସ୍ଥାନାନ୍ତରକୁ ଯାଉଥିବାର ଦେଖାଯାଏ । ଅଉ ଟିକିଏ ଦକ୍ଷିଣକୁ ଆସିଲେ, ଶୀତ ଭୂମିରେ ବିସ୍ତୀର୍ଣ୍ଣ ଜଙ୍ଗଲ ଦେଖିବାକୁ ମିଳେ । ଏବେ ଇଉରୋପୀୟମାନେ ସ୍ଥାନେ ସ୍ଥାନେ ଜଙ୍ଗଲ କାଟି ଗ୍ରାମ ନଗରର ପତ୍ତନ କରିଅଛନ୍ତି । ସେଠାର ଆଦିମ ଅଧିବାସିମାନେ ଇଉରୋପୀୟ ବସତିରୁ

Digitized by srujanika@gmail.com

ଦୂରରେ ଜଙ୍ଗଲ ଭିତରେ ପଶୁଚର୍ମର ତମ୍ବୁପରି ଘର ତିଆରି, ତହିଁରେ ବାସ କରନ୍ତି । ସେହି ବଣରେ ନାନା ପ୍ରକାର ସୁନ୍ଦର ଓ ଲୋମଶ ଜନ୍ତୁ ଥାଆନ୍ତି । ଲୋକେ ସେମାନଙ୍କୁ ଶିକାର କରି ମାଂସ ଖାଇ, ଚର୍ମ ଓ ଲୋମରେ ନାନା ପ୍ରକାର ବସ୍ତ୍ର, ପରିଚ୍ଛଦ ତିଆର କରନ୍ତି । ପୂର୍ବେ ସେମାନେ ଗାଡ଼ରେ ବଣଭିତରେ ଫାନ୍ଦ ବସାଇ ଶିକାର କରୁଥିଲେ । ଏବେ କ୍ୱଚିତ୍ ବନ୍ଧୁକ ବ୍ୟବହାର କରନ୍ତି । ଇଉରୋପୀୟମାନେ ବନ୍ଧୁକ, କମ୍ବଳ ପ୍ରଭୃତିର ବନିମୟରେ ପଶୁଚର୍ମ ଓ ଲୋମ ପ୍ରଭୃତି କିଣି ବହୁ ଲାଭଜନକ ବ୍ୟବସାୟ ଓ ବାଣିଜ୍ୟର ସୃଷ୍ଟି କରିଅଛନ୍ତି ।

LVI

ସାନ୍ତାଣୀ—ଆଜ କଣ କିଛି ଖାଇବ ନାହିଁ ?

ବାବୁ—ଠାକୁରଙ୍କ ଧ୍ୟାନ କଲାବେଳେ କିଏ କଣ ଖାଏ ? ଆଜ ଦନଯାକ ଓପାସ ।

ସାନ୍ତାଣୀ ନିଶ୍ୱାସ ପକାଇ କହିଲେ, ଆଉ କେବେ ଓପାସ ରହ !

ବାବୁ କହିଲେ—ଆଜ ଗୋଟାଏ କଥା, ଘରେ ରହିବାକୁ ହେବ ନାହିଁ । ପବିତ୍ର ସ୍ଥାନ ଲୋଡ଼ା । ଘରେ ଅଇଁସ ରନ୍ଧା ଯାଉଥିବାରୁ ଧୂଆଁ ବୁଲି ଅପବିତ୍ର ହୋଇ ଯାଇଛି । ଦାଣ୍ଡ ପାଖରେ ଯେଉଁ ସାନ ଘର ଅଛି, ସେହି ଘରଟି ପବିତ୍ର । ସେ ଘର ନିରୋଳା ହେବ, କିନ୍ତୁ ସାବଧାନ ! ସେ ଘରେ ଭର୍ଲା ଲୋକର ଛାଇ ପଡ଼ିଲେ, ପାଠ ଶୁଣିଲେ, ଫଳ ମିଳିବ ନାହିଁ; ସବୁ ଅକାରଣ ହୋଇ ଯିବ ।

ସାନ୍ତାଣୀ ବାବୁଙ୍କ କଷ୍ଟକଥା ମନରେ ପକାଇ ଭାରି ମନ ଦୁଃଖରେ ଘର ଭିତରକୁ ଚାଲିଗଲେ ।

ତେଣିକି ବେଳେ ରୋଷେଇଆ ବ୍ରାହ୍ମଣ ଆସି ପଚାରିଲେ—ଆଜ୍ଞା, ଆଜ କଣ ରୋଷେଇ ହେବ ?

Digitized by srujanika@gmail.com

ସାନ୍ତାଣୀ—ଅଜ ବାବୁଙ୍କର ଓପାସ–ମୁଁ ଅଜି କଣ ଖାଇବ ? ରୋଷେଇ ବାସ ସବୁ ବନ୍ଦ ।

ରୋଷେଇଆ ବ୍ରାହ୍ମଣଟି ମୁରକିହସା ଦେଇ ଚାଲିଗଲା । ମନରେ କହିଲା—ଅମ ସାନ୍ତାଣୀ ଗୋଟିଏ ଅଦ୍ଭୁତ ସ୍ତ୍ରୀ—ସ୍ୱାମୀ ଉପରେ ଭକ୍ତିର ସୀମା ନାହିଁ; ବାବୁ ଟିକିଏ ବାଧକ ପଡିଲେ ଅପେ ନ ଖାଇ ନ ପିଇ ଦିନଯାକ ପାଖରେ ବସି ସେବା କରୁଥିବେ ।

(From University Papers)

LVII

ସାହିତ୍ୟଦର୍ପଣକାର ବିଶ୍ୱନାଥଙ୍କର ନାମ ପୃଥିବୀର ସଂସ୍କୃତ-ସେବୀମାନଙ୍କ ପାଖେ ସୁପରିଚିତ । ସାହିତ୍ୟଦର୍ପଣ ପରି ବ୍ୟବହାରୋପଯୋଗୀ ଅଳଙ୍କାର ଗ୍ରନ୍ଥ ସଂସ୍କୃତ ସାହିତ୍ୟରେ ଅଉ ମିଳି ନାହିଁ । ପ୍ରାଚ୍ୟ ତତ୍ତ୍ୱବିତ୍ ପଣ୍ଡିତମାନେ ବହୁ ଅଭ୍ୟନ୍ତରୀଣ ଓ ବାହ୍ୟ ପ୍ରମାଣ ବଳରେ ସିଦ୍ଧାନ୍ତ କରିଛନ୍ତି, ବିଶ୍ୱନାଥ ପଞ୍ଚଦଶ ଶତାବ୍ଦିର ପ୍ରଥମାର୍ଦ୍ଧରୁ ନବୀନତର ନୁହନ୍ତି । ସେ ପୁରୀ ନିକଟବର୍ତ୍ତୀ କୌଣସି ଶାସନରେ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେ କାଳରେ ଚଳୁଥିବା ଭାରତର ସମସ୍ତ ପ୍ରସିଦ୍ଧ ପ୍ରାକୃତ ଭାଷା ତାଙ୍କୁ ଭଲ ରୂପେ ଜଣାଥିଲା । ବିଶେଷତଃ ସଂସ୍କୃତ ଓ ଓଡ଼ିଆ ଛଡ଼ା କାଶ୍ମୀରୀ ଭାଷାରେ ତାଙ୍କର ଅସାଧାରଣ ପାଣ୍ଡିତ୍ୟ ଥିବାର ସ୍ପଷ୍ଟ ପ୍ରମାଣ ଅଛି । ଜୀବନରେ ବହୁ ସମୟ ସେ କାଶ୍ମୀର ରାଜଧାନୀ ଜମ୍ମୁ ନଗରୀରେ କାଶ୍ମୀର-ରାଜାଙ୍କର ପ୍ରଧାନତମ ସଭାପଣ୍ଡିତ ରୂପେ ଅତିବାହିତ କରିଥିଲେ । କାଶୀ, ନବଦ୍ୱୀପ, ମିଥିଳା ପ୍ରଭୃତି ବହୁ ବିଖ୍ୟାତ ସ୍ଥଳର ପଣ୍ଡିତ ସମାଜରେ ତାଙ୍କର ବିଶେଷ ଅଦର ଓ ପ୍ରତିପତ୍ତି ଥିଲା । ଦକ୍ଷିଣାତ୍ୟରେ ତାଙ୍କ ଗ୍ରନ୍ଥର ପ୍ରଚାର ଦେଖି ବୁଝାଯାଏ ସେଠାରେ ମଧ୍ୟ ସେ ସୁପରିଚିତ ଥିଲେ । ଇଂରେଜ ଭାଷା ଅଜି ଭାରତର ଏକ ପ୍ରକାର ସାଧାରଣ ଭାଷା ହୋଇଅଛି । କିନ୍ତୁ ଏତେ ଦିନ ଭାରତର ଜାତୀୟତା ସଂସ୍କୃତ ଭାଷା ସୂତ୍ରରେ ଗ୍ରଥିତ ଥିଲା ।

Digitized by srujanika@gmail.com

ରାଜସଭା ଓ ବିଶ୍ୱବିଦ୍ୟାଳୟମାନଙ୍କରେ ସମସ୍ତ କଥାବାର୍ତ୍ତା ଓ ତର୍କବିତର୍କ ସଂସ୍କୃତରେ ହେଉଥିଲା । ଭିନ୍ନ ପ୍ରଦେଶର ବ୍ୟକ୍ତିମାନେ ସଂସ୍କୃତରେ ଭାବ ବିନିମୟ କରୁଥିଲେ । ସେଥିପାଇଁ ଆଜ ଉତ୍କଳର ବିଶ୍ୱନାଥ, କାଶ୍ମୀରର କଲ୍ହଣ, ମଗଧର କାଳିଦାସ ଓ ମଲବାରର ଶଙ୍କର ସମସ୍ତେ ନିଜ ନିଜ ସ୍ଥାନର ନାମ ହରାଇ ଭାରତର ଜାତୀୟ ବୀର ରୂପେ ପୂଜା ପାଉ-ଅଛନ୍ତି । ନାନା ଭାଷା, ନାନା ଜାତି ଥିବାରୁ ଭାରତକୁ ଯେଉଁମାନେ ଦେଶ ନ କହି ମହାଦେଶ କହିବାକୁ ପ୍ରସ୍ତୁତ, ସେମାନେ ଭାରତ ଜୀବନର ଏ ବିଭାବ ପ୍ରତି ଦୃଷ୍ଟି ଦିଅନ୍ତୁ ।

LVIII

ବାନର ଦେଖିବାକୁ ସୁନ୍ଦର ନୁହେ । ଏହାର ମସ୍ତକ ଗୋଲାକାର, ଦନ୍ତ ମନୁଷ୍ୟର ଦନ୍ତ ସଦୃଶ ଏବଂ ମୁଖ ଅନେକ ପରିମାଣରେ ଗୋଟିଏ ଅତିବୃଦ୍ଧ ମନୁଷ୍ୟର ମୁଖ ପରି । ଏହାର ଚାରି ଗୋଟି ଗୋଡ଼ ଅଛି ଏବଂ ଏହି ଗୋଡ଼ ଗୁଡ଼ିକ ହାତର କାର୍ଯ୍ୟ କରିପାରେ ବୋଲି ବାନରକୁ "ଚତୁର୍ଭୁଜ" କୁହାଯାଏ । ହନୁର ଲାଙ୍ଗୁଳ ସୁଦୀର୍ଘ, ଏବଂ ତାହା ହସ୍ତ ପରି ବ୍ୟବହୃତ ହୋଇପାରେ । ଅନ୍ୟାନ୍ୟ ଜାତୀୟ ମର୍କଟମାନଙ୍କର ଲାଙ୍ଗୁଳ ତେତେ ଦୀର୍ଘ ନୁହେ । ବାନରର ଶରୀର ଦୀର୍ଘଲୋମାବୃତ, କେବଳ ମୁଖରେ ଓ କରତଳରେ ଲୋମ ନାହିଁ । ଶୁକ୍ଳ, କୃଷ୍ଣ, ଅରକ୍ତ ଏହିପରି ନାନା ବର୍ଣ୍ଣର ବାନର ଦୃଷ୍ଟିଗୋଚର ହୁଅନ୍ତି । ଆସିଆ ଓ ଆମେରିକାର ଗ୍ରୀଷ୍ମ ପ୍ରଧାନ ଦେଶମାନ ବାନରମାନଙ୍କର ଆବାସଭୂମି । ଗ୍ରାମ୍ୟ ଓ ବନଜାତ ନାନାବିଧ ଫଳ ଓ ପତ୍ର ବାନରର ଖାଦ୍ୟ ସାମଗ୍ରୀ ।

LIX

ଆମ୍ଭେମାନେ ସୂର୍ଯ୍ୟର ଉଦୟ ଅସ୍ତ ଓ ତାହାର ଛାୟା ଦେଖି ଦିଗ ନିର୍ଣ୍ଣୟ କରିବାକୁ ଶିଖିଅଛୁଁ । ଗଛ ଘର ପ୍ରଭୃତିର ସକାଳେ ପଶ୍ଚିମଦିଗକୁ, ଏବଂ ଉପର ଓଳି ପୂର୍ବଦିଗକୁ କେଡ଼େ ଲମ୍ବା ଛାୟା ପଡ଼େ, ତାହା ସମସ୍ତେ

Digitized by srujanika@gmail.com

ଦେଖିଅଛ । ଦ'ପହର ବେଳ ଛାଇ ବର୍ଷର ଅଧିକାଂଶ ସମୟରେ ଉତ୍ତର-ଦଗକୁ ପଡ଼େ, ଏବଂ ସବୁଠାରୁ ଛୋଟ ହୁଏ । ଏହାର କାରଣ, ବର୍ଷରୁ ପ୍ରାୟ ଏଗାର ମାସ ଅମ ଦେଶରେ ସୂର୍ଯ୍ୟ କଛୁ ଦକ୍ଷିଣକୁ ଢଳ ଉଦୟ ଅସ୍ତ ହୁଏ । ପ୍ରତମାସରେ କେତେଦନ ଦ'ପହର ବେଳେ ସୂର୍ଯ୍ୟର ଛାଇ ଦେଖି ଗୋଟିଏ ଗୋଟିଏ ଚହ୍ନ କର ରଖିବ । ଗୋଟିଏ ପଟା ଉପରେ ଖଣ୍ଡିଏ କାଠି ସିଧା କର ପୋତବ । ଏହ ପଟା ଖଣ୍ଡି ଦ'ପହର ବେଳେ ଖରାରେ ରଖିଲେ ପଟା ଉପରେ କାଠିର ଛାଇ ପଡବ । ଛାଇର ଉତ୍ତର ସୀମାରେ ଗୋଟିଏ ଚହ୍ନ ଦଅ । ଏହପର ପ୍ରତମାସରେ ଚହ୍ନ ଦେଲେ ଦେଖିବ, ଗ୍ରୀଷ୍ମକାଳର ଛାଇ ସବୁଠାରୁ ସାନ ହୋଇ ହୋଇ କ୍ରମେ ବଲୀନ ହେବ, ଏବଂ କଛୁ କାଳ ପାଇଁ ଟିକଏ ଦକ୍ଷିଣକୁ ପଡବ । କନ୍ତୁ ଶୀତଦନର ଛାଇ ବରାବର ଉତ୍ତରକୁ ପଡ଼ବ, ଏବଂ ସବୁଠାରୁ ବଡ଼ ଦେଖାଯିବ । ତମ ଘର ଦକ୍ଷିଣ ପାଖର ଦ୍ୱାର ଓ ଜଳାକବାଟି ବାଟେ ଘର ଭତରକୁ ଖରା ପଡ଼େ । ତମେ ଦେଖିବ ଯେ ବର୍ଷର ଅଧିକାଂଶ ସମୟ ଘର ଭତରେ ଚଟାଣ ଉପରେ ତାହା ଉତ୍ତରଦଗକୁ ପଡ଼େ । ଶୀତଦନରେ ଉତ୍ତର ଦଗର ଛାଇ କ୍ରମେ କ୍ରମେ ଉତ୍ତରକୁ ଘୁଞ୍ଚ ଘୁଞ୍ଚି ବଡ଼ ବଡ଼ ହେଉଥାଏ । ଖରାଦିନେ ଏହି ଛାଇ ଦିନକୁ ଦିନ ସାନ ହୋଇ ହୋଇ, ଶେଷରେ ଏପର ସମୟ ଆସେ, ଯେତେବେଳେ ଅଉ ଘର ଭତରେ ଖରା ପଡ଼େ ନାହିଁ ।

LX

ଗଙ୍ଗାବଂଶର ଶ୍ରେଷ୍ଠ ନରପତ ପ୍ରତାପରୁଦ୍ରଙ୍କୁ ଓଡ଼ଶାରେ ଅଲେକଜାଣ୍ଡର ବୋଲ କୁହା ଯାଇ ପାରେ । କନ୍ତୁ ଏତକ କହ ରହଲେ ପ୍ରତାପରୁଦ୍ରଙ୍କ ଜୀବନ ପ୍ରତ ପୂର୍ଣ୍ଣ ସୁବଚାର କରାହେଉ ନାହିଁ । ଅଲେକଜାଣ୍ଡର ନଜ ପ୍ରତଭା ବଳରେ ପୃଥିବୀର ନାନା ଦେଶ ଜୟ କର ଜଣେ ପ୍ରବଳ ପ୍ରତାପଶାଳୀ ବଜେତା ହୋଇଥିଲେ । ପ୍ରତାପରୁଦ୍ର ମଧ୍ୟ ଦକ୍ଷିଣଭାରତର ପୂର୍ବ ଉପକୂଳବର୍ତ୍ତୀ ପ୍ରଦେଶମାନଙ୍କୁ ଜୟ କର ନଜ ସାମ୍ରାଜ୍ୟ-

Digitized by srujanika@gmail.com

ଭୂକ୍ତ କରିଥିଲେ । ତାଙ୍କ ରାଜତ୍ୱରେ ଓଡ଼ିଶାର ସୀମା ଯେତେ ବିସ୍ତୃତ ଥିଲା, ତା ପୂର୍ବରୁ ବା ପରେ ଅନ୍ୟ କୌଣସି ରାଜାଙ୍କ ସମୟରେ ସେପରି ହୋଇ ନାହିଁ । ଆଲେକଜାଣ୍ଡର ଯେପରି ଦେଶ ଜୟ କରି ପୁନରାୟ ବିଜିତ ରାଜାଙ୍କୁ ପ୍ରତ୍ୟର୍ପଣ କରିଅଛନ୍ତି, ପ୍ରତାପରୁଦ୍ର ମଧ୍ୟ ସେହିପରି କରିଅଛନ୍ତି । କିନ୍ତୁ ଏହାପରେ ଆଉ ଦୁଇ ଜଣଙ୍କର ତୁଳନା କରାଯାଇ ନ ପାରେ । ମୃତ୍ୟୁ ପର୍ଯ୍ୟନ୍ତ ଆଲେକଜାଣ୍ଡରଙ୍କ ଦେଶଜୟଲାଳସା ପୂର୍ଣ୍ଣ ମାତ୍ରାରେ ବିଦ୍ୟମାନ ଥିଲା । ବିଦେଶ ଜୟ ପ୍ରତାପରୁଦ୍ରଙ୍କ ଯୌବନରେ ଶେଷ ହୋଇ ଅଛି । ତାଙ୍କର ପ୍ରୌଢ଼କାଳ ଜଗତର ମଙ୍ଗଳ କାମନା, ପର ପ୍ରତି ସହାନୁଭୂତି ଏବଂ ଭଗବତ୍ ଧ୍ୟାନରେ କଟି ଅଛି । ବୈଷ୍ଣବ ଧର୍ମ ଅନୁଷ୍ଠାତା ଚୈତନ୍ୟଦେବ ବଙ୍ଗଦେଶରେ ବିସ୍ତୃତ କର୍ମକ୍ଷେତ୍ର ନ ପାଇ ଓଡ଼ିଶାକୁ ଆସିଲେ । ପ୍ରତାପରୁଦ୍ର ନିଜେ ତାଙ୍କ ଧର୍ମ ଗ୍ରହଣ କରି ପ୍ରଜାଗଣଙ୍କ ମଧ୍ୟରେ ତାର ବହୁଳ ପ୍ରଚାର କରାଇଲେ । ସେ ଚୈତନ୍ୟଙ୍କୁ ଦେଖିଲେ ଭାବରେ ବିହ୍ୱଳ ହୋଇ ରାସ୍ତାର ଧୂଳିରେ ଲୋଟି ଯାଉଥିଲେ । ରାଜ୍ୟରେ ଧର୍ମ ଭାବ ଏତେ ଅଧିକ ଥିଲା ଯେ, କେହି ମିଥ୍ୟା କହୁ ନ ଥିଲେ, ଚୋରି କରୁ ନ ଥିଲେ; ସମସ୍ତେ ଶାନ୍ତିରେ କାଳ କାଟୁଥିଲେ । ପ୍ରତାପରୁଦ୍ରଙ୍କ ଶାସନ ସମୟ ଓଡ଼ିଶାର ଇତିହାସରେ ଚିରକାଳ ସୁବର୍ଣ୍ଣଯୁଗ ବୋଲି ଘୋଷିତ ହେବ ।

(From University Papers)

LXI

କୁସଙ୍ଗ ସର୍ବଥା ପରିତ୍ୟାଜ୍ୟ । କୁସଙ୍ଗ କହିଲେ, କେବଳ କୁଚରିତ୍ର-ବ୍ୟକ୍ତିମାନଙ୍କ ସହିତ ମିଳନ ଓ ଆଳାପ ବୁଝିବାକୁ ହେବ ନାହିଁ । କୁଗ୍ରନ୍ଥ ଅଧ୍ୟୟନ, କୁଚିତ୍ର ଦର୍ଶନ, କୁବାକ୍ୟ କ କୁସଂଗୀତ ଶ୍ରବଣ, ସବୁ କୁସଂଗ ମଧ୍ୟରେ ପରିଗଣିତ । ଯାହା ଦେଖିଲେ, ଶୁଣିଲେ, ଉଚ୍ଚାରଣ କଲେ, ଅଥବା ଚିନ୍ତା କଲେ, ମନରେ କୁଭାବ ଉଦୟ ହୁଏ ସେ ସମସ୍ତ ବର୍ଜନୀୟ ।

Digitized by srujanika@gmail.com

ଯଦି ସୁଗ୍ରନ୍ଥ ପଢ଼ିବାଦ୍ୱାରା ମନ ଉନ୍ନତ ହୁଏ, ତେବେ କୁଗ୍ରନ୍ଥ ପଢ଼ିଲେ, ସେହିପରି ଅବନତ ନୋହିବ ବା କାହିଁକି ? ଯଦି ସୁଚିତ୍ର ଦେଖିଲେ, ମନରେ ପବିତ୍ରଭାବ ଉଦୟ ହୁଏ, ତେବେ କୁଚିତ୍ର ଦେଖିଲେ, ଅପବିତ୍ର ଭାବର ଉଦ୍ରେକ ନୋହିବ ବା କାହିଁକି ? ସୁସଂଗୀତ ଶୁଣିଲେ, ଯେଉଁମାନଙ୍କର ହୃଦୟ ଭାବରେ ଗଦ୍‌ଗଦ ହୁଏ, କୁସଂଗୀତ ଶୁଣିଲେ ପୁଣି ସେହିମାନେହିଁ ନାନା ପ୍ରକାର କୁତ୍ସିତ ଭାବରେ ପ୍ରଣୋଦିତ ହୋଇ ପାରନ୍ତି । କୁସଂଗ ଯେପରି ସର୍ବନାଶ କରେ, ଜଗତରେ ସେପରି ଆଉ କିଛି ନାହିଁ । ଯେଉଁ ସବୁ ଲୋକଙ୍କର ଅଧଃପତନ ହୋଇଅଛି, ପଚାର, ବୋଧହୁଏ ସେମାନଙ୍କ ମଧ୍ୟରୁ ସମସ୍ତଙ୍କ ମୁଖରୁ ଶୁଣିବ ଯେ, କୁସଂସର୍ଗହିଁ ସେହି ଅଧଃପତନର କାରଣ । ମନ୍ଦ ପଥରେ ଚଳାଇବା ବ୍ୟକ୍ତିଙ୍କ ସଂଖ୍ୟା ଅନେକ; ସୁପଥର ସହଯାତ୍ରୀ ଅତି ଅଳ୍ପ ।

LXII

ମିଶରର ଇତିହାସ ଯେଉଁମାନେ କିଛିମାତ୍ର ଜାଣନ୍ତି ନାହିଁ, ସେମାନଙ୍କ ମଧ୍ୟରୁ ଅନେକେ ଅତ୍ୟାଶ୍ଚର୍ଯ୍ୟ ପିରାମିଡ଼ର କଥା ଶୁଣି ଅଛନ୍ତି । ମନ୍ଦିର ନାମରେ ଗୋଟିଏ ଗୋଟିଏ ପାହାଡ଼ର ସୃଷ୍ଟି, ମାନବ କ୍ଷମତାର ଅତୁଳ୍ୟ କୀର୍ତ୍ତିସ୍ତମ୍ଭ । ପ୍ରଥମ ଓ ଦ୍ୱିତୀୟ ରାଜବଂଶର ରାଜତ୍ୱକାଳରେ ଏହି କୀର୍ତ୍ତି ସ୍ଥାପନର ସୂତ୍ରପାତ ହେଲା; ଏବଂ ଚତୁର୍ଥ ରାଜବଂଶର ରାଜତ୍ୱର ଅବସାନବେଳେ ଖ୍ରୀଷ୍ଟପୂର୍ବ ୨୭୦୦ ଅବ୍ଦରେ ଏହାର ଚରମ ଉତ୍କର୍ଷ ସାଧିତ ହେଲା । କଉଫ୍ ନଗରରେ କୋଡିଏ ବର୍ଷ କାଳ ନିରନ୍ତର ଏକ ଲକ୍ଷ ଲୋକର ପରିଶ୍ରମରେ ଯେଉଁ ପିରାମିଡ଼ ନିର୍ମିତ ହୋଇଥିଲା, ତାହା ଦେଖିଲେ ଦର୍ଶକ ଅପାର ବିସ୍ମୟରେ ସ୍ତବ୍ଧ ହୋଇଯାଏ । ପିରାମିଡ଼ଟି ସମ୍ପୂର୍ଣ୍ଣ ୧୩ ଏକର ଭୂମି ବ୍ୟାପି ରହିଅଛି ଏବଂ ଏହାର ଉଚ୍ଚତା ୪୮୧ ଫୁଟ । ଏହି ବିରାଟ ମନ୍ଦିରଟି ଗଢ଼ିବାରେ ଯେଉଁ ୨୩ ଲକ୍ଷ ସୁବୃହତ୍ ମୂଲ୍ୟବାନ୍ ପ୍ରସ୍ତର ଖଣ୍ଡର ପ୍ରୟୋଜନ ହୋଇଥିଲା, ତାହାର ପ୍ରତ୍ୟେକ

Digitized by srujanika@gmail.com

ଖଣ୍ଡର ଓଜନ ଅଢ଼ାଇଟନ ବା ୬୮ ମହଣ। ଅବଶ୍ୟ କୋଣାର୍କର ସୂର୍ଯ୍ୟ ମନ୍ଦିରରେ କୌଣସି କୌଣସି ପଥର ଖଣ୍ଡ ଦୁଇହଜାରଟନ ଓଜନ ଥିଲା ସତ, ତଥାପି ପିର୍‌ମିଡ଼ର ଉଚ୍ଚତା କୋଣାର୍କ ମନ୍ଦିରର ନ ଥିଲା। ଏହି ବିଶାଳ ଶିଳାଖଣ୍ଡମାନ କି ଉପାୟରେ ଉର୍ଦ୍ଧ୍ୱକୁ ଟେକିନେବାର ବ୍ୟବସ୍ଥା ହୋଇଥିଲା, ତାହା ବର୍ତ୍ତମାନ ବୁଝା ଯାଉ ନାହିଁ। ପୁଣି, ପିର୍‌ମିଡ଼ ଏକ ବା ଦୁଇ ନୁହେଁ; ମିଶର ଦେଶର ନାନା ସ୍ଥାନରେ ଗୋଟିଏ ଗୋଟିଏ ପର୍ବତ ସମାନ ପିର୍‌ମିଡ଼ ତିଆର ହୋଇଥିଲା। ଏହି ସବୁ ପିର୍‌ମିଡ଼ ସେ କାଳର ମିଶରବାସିଙ୍କର ବିଦ୍ୟା, କୌଶଳ, ସମ୍ପଦ, ସ୍ୱାସ୍ଥ୍ୟ ଓ ଶାନ୍ତିର ଅଲୋପ୍ୟ ସାକ୍ଷୀ।

LXIII

ଆଜି ତୁମ୍ଭଙ୍କୁ ଗୋଟିଏ ବାଘ କଥା କହିବି। ଏ ଅନେକ ଦିନର କଥା, ଯେତେବେଳେ ତୃତୀୟ ଜର୍ଜ ଇଂଲଣ୍ଡର ରାଜା ଥିଲେ; ଏବଂ ଇଂରେଜମାନଙ୍କର ଟିପୁ ସୁଲତାନଙ୍କ ସଙ୍ଗେ ଯୁଦ୍ଧ ହେଉଥିଲା। ସେହି ସମୟରେ ଇଷ୍ଟଇଣ୍ଡିଆ କୋମ୍ପାନୀଙ୍କର ପିଟ୍ ନାମକ ଜାହାଜରେ ଗୋଟିଏ ବାଘଛୁଆ ବିଲାତ ଯାଉଥିଲା। ଛୁଆଟିର ବୟସ ମୋଟେ ଦେଢ଼ ମାସ। ସେ ଦେଖିବାକୁ ବଡ଼ ସୁନ୍ଦର ଏବଂ ତାହାର ଦେହର ରଙ୍ଗ ପାଚିଲା କମଳା ଲେମ୍ବୁପରି। ତହିଁ ଉପରେ କଳା କଳା ଗାର ପଡ଼ିଥାଏ। ସେଇଟି ଭଲ ମହାବଳ ଜାତିଆ ବାଘର ଛୁଆ, ଇଂଲଣ୍ଡର ରାଜା ତୃତୀୟ ଜର୍ଜଙ୍କୁ ଭେଟି ଦିଆଯିବା ପାଇଁ ପଠା ଯାଉଥାଏ। ସେହି ଛୁଆଟି ଅଳ୍ପଦିନ ଭିତରେ ଜାହାଜକୁ ଘର ପରି ମଣି ସୁଖରେ ରହିଲା। ଯାତ୍ରିମାନଙ୍କ ସଙ୍ଗେ ଖେଳେ, ସେମାନଙ୍କ ପାଖରେ ଗଠରେ ଶୁଏ। ଖଲାସିମାନେ କଣ କରନ୍ତି ନା ବେଳେ ବେଳେ ତାକୁ ତକିଆ କରି ମୁଣ୍ଡଦେଇ ଶୁଅନ୍ତି। କେତେବେଳେ ଗେଲରେ କେତେବେଳେ ଅବା ନିଜ ସ୍ୱଭାବ ବଶରୁ ସେ ଖାଇଲା ବେଳେ ପାଖରେ ବସି ରହି ଖଣ୍ଡେ ଖଣ୍ଡେ ମାଂସ ନେଇ ପଳାଇଯାଏ। ପୁଣି ବେଳେ ବେଳେ

Digitized by srujanika@gmail.com

ସେ ଜାହାଜର ଅଗ ମୁଣ୍ଡକୁ ଦୌଡ଼ଯାଇ ତଳକୁ ମୁହଁ କରି ସମୁଦ୍ରକୁ ଅନାଏଁ ।

(From University Papers)

LXIV

ପରୀକ୍ଷାପାଇଁ ଖୁବ୍‌ଶକ୍ତ ପରିଶ୍ରମ କଲାପରି ତୁମ୍ଭ ଚେହେରାରୁ ଜଣା-ପଡୁଅଛି । ତୁମ୍ଭ ଶରୀରରେ ସେ ସ୍ଫୂର୍ତ୍ତି ନାହିଁ, କି ମୁଖରୁ ସେପରି ଜ୍ୟୋତି ଆଉ ବାହାରୁ ନାହିଁ । ତୁମ୍ଭେ କଣ ବିଚାରିଛ, ଦେହକୁ ମାଟିରେ ବରାବର ମିଶାଇ ଦେଲେ, ପାଠହୁଏ ? ପାଠପଢ଼ି ମନକୁ ଯେପରି ଉନ୍ନତ କରିବାକୁ ବିଚାରୁଛ, ଶରୀରକୁ ସେପରି ବଳିଷ୍ଠ ନ କଲେ, ପାଠରେ କାରଣ କଣ? ଦେଖୁଛ ତ, ଆମ୍ଭ ଦେଶରେ ଯେଉଁମାନେ ପାଠପଢ଼ି ବାହାରୁ ଅଛନ୍ତି, ସେମାନଙ୍କ ଶରୀର ବେଳକୁବେଳ କପରି ଜୀର୍ଣ୍ଣଶୀର୍ଣ୍ଣ ହୋଇ ଯାଉଅଛି । ସେମାନେ କେବଳ ବିଚାରୁଛନ୍ତି ପାଠପଢ଼ିଲେ ହେଲା, ଦେହଟାର ଭଲ-ମନ୍ଦରେ ଯାଏ ଅସେ କେତେ ? କିନ୍ତୁ ସେମାନଙ୍କର ବୁଝିବା ଉଚିତ ଶରୀର ଓ ମନ ପରସ୍ପର ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ । ଏକର ଉନ୍ନତି ନ ହେଲେ ଅପରର ଉତ୍କର୍ଷତା ସାଧିତ ହୋଇ ପାରିବ ନାହିଁ । ପାଣିକୁ ଯେଉଁ ପାତ୍ରରେ ରଖ, ତାହା ଅନୁସାରେ ପାଣିର ଆକାର ଓ ବର୍ଣ୍ଣ ହୁଏ; ପାଣିର ନିଜର ଆକାର ଓ ବର୍ଣ୍ଣ ନାହିଁ । ସେହିପରି ଶରୀରର ଅବସ୍ଥାନୁସାରେ ମନର ନାନାପ୍ରକାର ବିକାର ଦେଖାଯାଏ । ଶରୀର ଯେତେ ବଳିଷ୍ଠ ଓ ସୁନ୍ଦର ହେବ, ମନ ତଦନୁଯାଇ ଉନ୍ନତ ଓ ଚିନ୍ତାକ୍ଷମ ହେବ । ସେହି ହେତୁରୁ, ଆଧୁନିକ ଶିକ୍ଷାବିଧାନରେ ମାନସିକ ଉନ୍ନତି ସଙ୍ଗେ ସଙ୍ଗେ ଶାରୀରିକ ଉନ୍ନତି ମଧ୍ୟ ଶିକ୍ଷାର ଅନ୍ୟତମ ଉଦ୍ଦେଶ୍ୟ ବୋଲି ଧରାଯାଇ ଅଛି । ବଡ଼ରୁ ସାନଯାଏ ସବୁ ବିଦ୍ୟାଳୟମାନଙ୍କରେ ପାଠପଢ଼ିବା ନିମନ୍ତେ ଯେପରି ସମୟ ଘଣ୍ଟାମାନ ନିର୍ଦ୍ଦିଷ୍ଟ ହୋଇଅଛି; ଶରୀରର ବଳ ଓ କାର୍ଯ୍ୟ କ୍ଷମତା

Digitized by srujanika@gmail.com

ବଢ଼ାଇବା ନିମନ୍ତେ ନାନା ପ୍ରକାର ଶୈଳର ବିଧାନ ମଧ୍ୟ ହେଉଅଛି ।

LXV

ସାଧାରଣ କଥାରେ ଯାହାକୁ ଜମି ବୋଲି କହନ୍ତି, ଅର୍ଥ ଶାସ୍ତ୍ରରେ କେବଳ ସେହି ଭୂପୃଷ୍ଠକୁ ଜମି ବୁଝାଯାଏ ନାହିଁ । ସମୁଦ୍ର, ସୂର୍ଯ୍ୟକିରଣ, ବାୟୁ, ବୃଷ୍ଟି, ମାଧ୍ୟାକର୍ଷଣ, ତଡ଼ିତ, ଜଳୀୟବାଷ୍ପ, ଜୀବନୀ-ଶକ୍ତି, ଏ ସକଳ ଜମିର ଅନ୍ତର୍ଗତ । ଏମାନେ ସମସ୍ତେ ଧନ ଉତ୍ପାଦନରେ ସାହାଯ୍ୟ କରନ୍ତି । ତେବେ ଭୂପୃଷ୍ଠର କେତେକ ବିଶେଷତ୍ୱ ଅଛି । ସେହି ବଳରେ ତାହା ଏକା ଜମି ଆଖ୍ୟା ପାଇବାର କଥା । ଭୂପୃଷ୍ଠ ଅନେକ ପ୍ରକାରେ ଧନ ଉତ୍ପାଦନରେ ସାହାଯ୍ୟ କରେ । ତାହା ମନୁଷ୍ୟ ଓ ତାର ଯାବତୀୟ ବ୍ୟବହାର୍ଯ୍ୟ ପଦାର୍ଥକୁ ବହନ କରି ରଖିଅଛି । ମନୁଷ୍ୟ ଓ ଅନ୍ୟାନ୍ୟ ପଦାର୍ଥ ଭୂପୃଷ୍ଠ ଉପରେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇ ପାରୁ ଅଛନ୍ତି । ନିଜର ଭୌଗୋଳିକ ପ୍ରକୃତିରେ ତାହା ପର୍ବତ, ଉପତ୍ୟକା, ନଦୀ, ବନ ପ୍ରଭୃତି ଦ୍ୱାରା ଅନେକ ସାହାଯ୍ୟ କରୁଅଛି । ପୁଣି ଧାତବ, ଜାନ୍ତବ ଓ ଉଦ୍ଭିଦଜାତ ଦ୍ରବ୍ୟ ଯୋଗାଇବା ଦ୍ୱାରା ଉତ୍ପାଦନ ସମ୍ଭବ ହେଉଅଛି । ଅହୁରି ମଧ୍ୟ ବର୍ଷା ପାଣି, ଉତ୍ତାପ ଓ ବାୟୁ ଧରି ରଖିବାରୁ, ପ୍ରାଣିମାନେ ବଞ୍ଚି ରହି ପାରୁଛନ୍ତି । ବାୟୁ, ବୃଷ୍ଟି ପ୍ରଭୃତି ଏଥି ମଧ୍ୟରୁ ଗୋଟିଏ ଗୋଟିଏ ପ୍ରକାରରେ ଉତ୍ପାଦନର ସାହାଯ୍ୟ କରୁଥିବାରୁ ସେ ସବୁକୁ ସ୍ତୋକରେ ଜମି ବୋଲାଯାଏ ।

LXVI

ସିଂହଳର ମହାବଂଶ ନାମକ ଗୋଟିଏ ବୌଦ୍ଧ ପଞ୍ଜିକାରେ ବୁଦ୍ଧଦେବଙ୍କ ଦନ୍ତ ସମ୍ବନ୍ଧରେ ଗୋଟିଏ ଆଖ୍ୟାୟିକା ଦେଖାଯାଏ । ବୁଦ୍ଧ-ଦେବଙ୍କ ମୃତ୍ୟୁ ପରେ କ୍ଷେମ ନାମରେ ଜଣେ ଶିଷ୍ୟ ତାହାଙ୍କର ବାମ

Digitized by srujanika@gmail.com

ବଶିଦାନ୍ତ ନେଇ କଳିଙ୍ଗ ଅଞ୍ଚଳକୁ ଯାତ୍ରାକଲେ । ସେତେବେଳେ ବ୍ରହ୍ମଦତ୍ତ ନାମରେ ଜଣେ ପ୍ରବଳ ପରାକ୍ରାନ୍ତ ରାଜା କଳିଙ୍ଗରେ ରାଜପଣ କରୁଥିଲେ । ସମୁଦ୍ରକୂଳବର୍ତ୍ତୀ ଦନ୍ତପୁର ତାହାଙ୍କ ରାଜଧାନୀ ଥିଲା । ଦନ୍ତପୁରରେ ଉକ୍ତ ଦନ୍ତର ଉପାସନା ନିମନ୍ତେ ବ୍ରହ୍ମଦତ୍ତ ଗୋଟିଏ ନାନା କାରୁଖଚିତ ସୁରମ୍ୟ ମନ୍ଦିର ନିର୍ମାଣ କରିଦେଲେ । ଦନ୍ତର ଦୈବମାୟାରେ ବଶୀଭୂତ ହୋଇ ବ୍ରହ୍ମଦତ୍ତ ଓ ତାହାଙ୍କର ପରବର୍ତ୍ତୀ ରାଜାମାନେ ବହୁକାଳ ପର୍ଯ୍ୟନ୍ତ ସେହି ମନ୍ଦିରରେ ଦନ୍ତର ଉପାସନା କରି ଆସୁଥିଲେ । ବ୍ରହ୍ମଦତ୍ତଙ୍କ ବଂଶର ଶେଷ ରାଜା ଗୁହଶିବ ଖ୍ରୀଷ୍ଟ ୪ର୍ଥ ଶତାବ୍ଦିରେ କଳିଙ୍ଗର ରାଜା ହେଲେ । ତାହାଙ୍କର ରାଜତ୍ୱ କାଳରେ ଜମ୍ବୁଦ୍ୱୀପର ରାଜା ପାଣ୍ଡୁ କଳିଙ୍ଗ ଆକ୍ରମଣ କରି ସେହି ପବିତ୍ର ଦାନ୍ତକୁ ଆପଣାର ରାଜଧାନୀ ପାଟଳିପୁତ୍ରକୁ ନେଇଗଲେ । ପାଟଳି ପୁତ୍ରରେ ଦନ୍ତର ଉପାସନା କେତେଦିନ ମାତ୍ର ଚାଲିଥିଲା, ଏପରି ସମୟରେ ପାଣ୍ଡୁଙ୍କର ମୃତ୍ୟୁ ହେଲା । ଗୁହଶିବ ଦାନ୍ତକୁ ପୁଣି ଫେରି ଆଣି ଦନ୍ତପୁରର ମନ୍ଦିରରେ ସ୍ଥାପନକରି ପୂର୍ବବତ୍ ଉପାସନା ଚଳାଇଲେ । ଏଥି ମଧ୍ୟରେ କ୍ଷୀରଧାର ନାମରେ ଜଣେ ପାର୍ଶ୍ୱବର୍ତ୍ତୀ ରାଜା ସେହି ପବିତ୍ର ଦନ୍ତ ବଳପୂର୍ବକ ନେଇ ଯିବା ନିମନ୍ତେ କଳିଙ୍ଗ ଆକ୍ରମଣ କଲେ । ଯୁଦ୍ଧରେ ଗୁହଶିବ ନିହତ ହୁଅନ୍ତେ, ତାହାଙ୍କ କନ୍ୟା ହେମମାଳା ଓ ଜାମାତା ଦନ୍ତକୁମାର ସେହି ଦନ୍ତ ନେଇ ଛଦ୍ମବେଶରେ ଲଙ୍କାଭିମୁଖରେ ଯାତ୍ରାକଲେ । ଏହି ରୂପେ ବୁଦ୍ଧଦେବଙ୍କର ପବିତ୍ର ଦନ୍ତ କଳିଙ୍ଗରେ ବହୁଦିନ ପୂଜାପାଇ ପରିଶେଷରେ ସିଂହଳବାସିଙ୍କର ପରମ ଆରାଧ୍ୟ ବସ୍ତୁ ହୋଇଥିଲା ।

LXVII

ମିଶର ପରି ବାବିଲନରେ ମଧ୍ୟ ଅତି ପ୍ରାଚୀନ କାଳରେ ଜ୍ୟୋତିର୍ବିଦ୍ୟାର ବହୁ ଉନ୍ନତି ହୋଇଥିଲା । ସୂର୍ଯ୍ୟ ଚନ୍ଦ୍ରର ଗ୍ରହଣଗଣନା, ଅସଂଖ୍ୟ ନକ୍ଷତ୍ରର ଗତିବିଧି ନିରୂପଣ, ଅଦୃଶ୍ୟ ପ୍ରାୟ ଦୂରବର୍ତ୍ତୀ ଗ୍ରହମାନଙ୍କର

Digitized by srujanika@gmail.com

ପର୍ଯ୍ୟବେକ୍ଷଣ ପ୍ରବୃତ୍ତ, ଯେପରି ଭାବରେ ପରିଚାଳିତ ହୋଇଥିଲା, ତାହା ଏ ଯୁଗର ପଣ୍ଡିତମାନଙ୍କୁ ମଧ୍ୟ ବିସ୍ମିତ କରୁଅଛି । ଦୂରବର୍ତ୍ତୀ ଗ୍ରହମାନଙ୍କର ସୂକ୍ଷ୍ମଗଣନା ଦେଖି କେହି କେହି ଅନୁମାନ କରନ୍ତି ଯେ ବାବିଲନରେ ହୁଏତ ସେ ଯୁଗରେ କୌଣସି ଦୂରବୀକ୍ଷଣ ଯନ୍ତ୍ରର ଆବିଷ୍କାର ହୋଇଥିଲା । ଦୂରବୀକ୍ଷଣଯନ୍ତ୍ରରେ ଯେଉଁ ପ୍ରକାର ସ୍ୱଚ୍ଛ କାଚ ବ୍ୟବହାର କରିବା ପ୍ରୟୋଜନ, ଗୋଟିଏ ଭଗ୍ନସ୍ତୂପ ମଧ୍ୟରେ ସେହି ଶ୍ରେଣୀର କାଚ ଆବିଷ୍କୃତ ହେବାରୁ ପଣ୍ଡିତମାନଙ୍କର ଉକ୍ତ ଅନୁମାନ ସମର୍ଥିତ ହୋଇଅଛି । ଅପେକ୍ଷାକୃତ ପରବର୍ତ୍ତୀ ସମୟର କାଲଡୀୟଗଣ, ପୂର୍ବବର୍ତ୍ତୀ ଯୁଗର ଉତ୍ତରାଧିକାରୀ ହେଲେ ମଧ୍ୟ, କେବଳ ଜ୍ୟୋତିଷଚର୍ଚ୍ଚା ସେତେ କରୁ ନ ଥିଲେ । ପରନ୍ତୁ, ଗ୍ରହ ନକ୍ଷତ୍ରମାନଙ୍କର ଗତି ସହିତ ମାନବର ଭାଗ୍ୟଗତି ମିଳାଇ ଫଳିତ ଜ୍ୟୋତିଷ ରଚନାରେ ସେମାନେ ବ୍ୟସ୍ତ ଥିଲେ । ସ୍ଥପତି ବିଦ୍ୟା ଓ ଭାସ୍କର ବିଦ୍ୟା ଯଥେଷ୍ଟ ଥିଲା ସତ, କିନ୍ତୁ ମିଶର ପରି ଏଠାରେ ସ୍ଥାୟୀ କୀର୍ତ୍ତିସ୍ତମ୍ଭ ନାହିଁ ବୋଲି ଭଗ୍ନମନ୍ଦିରର ଜୀର୍ଣ୍ଣ ଅଂଶ ନେଇ ଅଧିକ ବିଚାର କରିବାକୁ ହୁଏ । ବିଶାଳତାରେ ମିଶରର ପିରାମିଡ୍ ଅପେକ୍ଷା ଅତ୍ୟନ୍ତ ହୀନ ହେଲେ ମଧ୍ୟ, ବାବିଲନର "ଜେଗୁରାତ୍" ଶିଳ୍ପସୌନ୍ଦର୍ଯ୍ୟରେ କିଛି କମ ନ ଥିଲା । ପ୍ରାଚୀନ କାଳର ମୂର୍ତ୍ତିଗୁଡ଼ିକରେ ବି ଉନ୍ନତ ଭାସ୍କର ବିଦ୍ୟାର ପରିଚୟ ମିଳେ । ଏହିପରି ନାନା ପ୍ରାଚୀନତାରେ ପରିପୂର୍ଣ୍ଣ ଥିବାରୁ ବାବିଲନ ବର୍ତ୍ତମାନ ନାନା ପ୍ରତ୍ନତତ୍ତ୍ୱବିଦ୍ ପଣ୍ଡିତମାନଙ୍କୁ ଆକର୍ଷଣ କରୁଅଛି ।

LXVIII

ରାମ—ହରି, ତୁ କେବେ ନଈବଢ଼ି ଦେଖିଛୁ ?

ହରି—ଦେଖି ନାହିଁ ? ସେଦିନ ସବୁ ତୋ ସଙ୍ଗେ ଆମ୍ଭ କାପର ପିଲାମାନେ ଯିବାବେଳେ, ମୁଁ ଯାଇ ନ ପାରିଲି ବୋଲି, ପରେ ପୁଣି ବାପାଙ୍କ

Digitized by srujanika@gmail.com

ସଙ୍ଗେ ଗଲ ? ତା ପରଦିନ ରାତି ନ ପାଉଣୁ ତୋ ଦୁଆରେ ତାଙ୍କ କନ୍ଧ ଆସିଥିଲ, ତୋ ମନେ ନାହିଁ ?

ରାମ—ହଁ, ହଁ, ମନେ ପଡ଼ିଲା । ତେବେ ତୁ ଗଲାବେଳକୁ କଣ ନଈର ସେତେ ଜୋର ଥିଲା ?

ହରି—ନା, ଲୋକେ କହିବାର ଶୁଣିଲି ସେତେବେଳକୁ ନଈ ପ୍ରାୟ ଛାଡ଼ି ଆସିଥିଲା । ଅଚ୍ଛା ତୁମେ ଯିବାବେଳେ ନଈ ଅବସ୍ଥା କଣ ଦେଖିଥିଲ ?

ରାମ—ଅରେ କହ ନା ଆଉ, ଏମିତି ନଈ କେବେ କେହି ଦେଖି ନ ଥିବେ । ଯାହା ହେଉ ନଈ ଗର୍ଜି ଚାଲିଥିଲା, ମଣିଷ ଶୁଣିଲେ ତ କାଲ ହେଇ ଯାଉଥିଲା । କେତେ ଗାଈ ଗୋରୁ ଗଛ ପତ୍ର ଯେ ଭାସି ଯାଉଥିଲା, କଣ କହିବି ?

ହରି—ଗଛ ପତ୍ର ଗାଈ ଗୋରୁ ଗୁଡ଼ାକ ଏତେ କାହୁଁ ଆସିଲା ମ ?

ରାମ—ନଈ ଯେତେବେଳେ ଧୂ ଧୂ ହୋଇ ବଢ଼ିଯାଏ, ନଈ ପାଖରେ ଗାଈ ଗୋରୁ ଚରୁଥିଲେ ଆଉ ଯାଇ ନ ପାରି ଭାସିଯାନ୍ତି । ନଈ ରେଣ୍ଟରେ ଗଛ ଅନେକ ଥାଏ; ସୁଅ ଦାଉରେ ଓଗଡ଼ା ଛାଡ଼ୁ ଛାଡ଼ୁ ବଡ଼ ବଡ଼ ଗଛ ଗୁଡ଼ାକ ଉପୁଡ଼ି ପଡ଼େ ।

ହରି—ତେବେ ଆମ ଆଡ଼େ ତ ଏପରି ବରଷେ ବରଷେ ହେଉଥିବ ?

ରାମ—ଆରେ ତୁ ତ ପିଲା କାହୁଁ ଜାଣିବୁ ? ମୁଁ ଶୁଣିଛି, ବରଷେ ନଈ-ବଢ଼ି କେତେ ବଲ ଗ୍ରାମ ଗଛ ଗାଈ ଗୋରୁ ଗଛପତ୍ର ଭସାଇ ନେଇ-ଗଲା, ତାହା ଶୁଣିଲେ ହୃତ୍କମ୍ପ ହୁଏ । ରାତି ଦୁପହର, ସମସ୍ତେ ଯେ ଯୁଆଡ଼େ ଶୋଇଛନ୍ତି; ଗୋଟେ ଘାଇ ଭାଙ୍ଗିଲା ଯେ ୧୦ । ୧୨ ଖଣ୍ଡ ଗାଁ ଭସାଇ ନେଲା; ଲୋକେ ଯେ ମରିଗଲେ ତ ଗଲେ, ବାକି ଲୋକେ ବଡ଼ ବଡ଼ ଗଛମାନଙ୍କରେ ଆଶ୍ରୟ ନେଲେ ।

ହରି—ଭଗବାନ କରନ୍ତୁ, ମୋ ଦିହକରେ ସେପରି ବଢ଼ି ନ ହେଉ ।

Digitized by srujanika@gmail.com

LXIX

କୋଣାର୍କ ଓଡ଼ିଆ ଶିଳ୍ପୀହାତର ଗୋଟିଏ ଅପୂର୍ବ କୀର୍ତ୍ତି । ପୁରୀର ଜଗନ୍ନାଥ-ମନ୍ଦିର ଆକାରରେ ବିଶାଳ ଏବଂ ଭୁବନେଶ୍ୱରର ଲିଙ୍ଗରାଜମନ୍ଦିର ସୂଚିକ୍କଣ ନାନା କାରୁକାର୍ଯ୍ୟରେ ବିଭୂଷିତ । କୋଣାର୍କରେ ଓଡ଼ିଆ ଶିଳ୍ପୀ ଏ ଉଭୟର ସମବାୟ ଘଟାଇଅଛନ୍ତି । ସୂର୍ଯ୍ୟ ମନ୍ଦିର ଆକାର ଓ ଉଚ୍ଚତାରେ ଜଗନ୍ନାଥ ମନ୍ଦିର ଅପେକ୍ଷା ଯେପରି ବୃହତ୍ତର, ନାନା କଳ୍ପନାଗତ କଳକୌଶଳରେ ଲିଙ୍ଗରାଜମନ୍ଦିର ଅପେକ୍ଷା ସେହିପରି ଅଧିକତର ବିଭୂଷିତ । ପର୍ବତରୂପ ଶିଳାଖଣ୍ଡମାନ ବହୁଦୂରରୁ ଆନୀତ ହୋଇ କିପରି ଯେ ଏତେ ଉପରକୁ ଟେକା ଯାଇ ମନ୍ଦିର ଉପରେ କାମ କରି ଯାଇଥିଲା, ତାହା ଆଧୁନିକ ପଣ୍ଡିତମାନଙ୍କ ପ୍ରତି ଏକ ପ୍ରକାର ଅବୋଧ । କୋଣାର୍କରେ ଏପରି ପଥର-ଖଣ୍ଡମାନଙ୍କରେ କାମ ହୋଇଅଛି, ଯହିଁରୁ ଖଣ୍ଡିକରେ ଗୋଟିଏ ମଧ୍ୟମଭଳି ପକାଘର ତିଆରି ହୋଇ ପାରିବ । ତତ୍ପରେ ସ୍ଥାପତ୍ୟର ନୈପୁଣ୍ୟ ଦେଖିଲେ ଲୋକେ ଆହୁରି ବିସ୍ମିତ ହୁଅନ୍ତି । ପଥର ମୂର୍ତ୍ତିମାନ ଏତେ ଜୀବନ୍ତ ପରି ଦେଖାଯାନ୍ତି ଯେ, ହଠାତ୍ ଦେଖିଲେ ମନୁଷ୍ୟ ବୋଲି ଭ୍ରମ ହୁଏ । ଶୁଣାଅଛି ଜଣେ ଇଉରୋପୀୟ ପରିଦର୍ଶକ ଥରେ ଗୋଟିଏ ପଥର ମୂର୍ତ୍ତି ଦେଖି ପାଖକୁ ଆସିବାକୁ ତାହାକୁ ଡାକିଥିଲେ, ସେ ନ ଆସିବାରୁ ଅମାନ୍ୟ ହେଲା ବୋଲି ବିଚାରି ତା ଉପରେ ରାଗ ହୋଇଥିଲେ । କିନ୍ତୁ ବଡ଼ ପରିତାପର ବିଷୟ, ଓଡ଼ିଆ ଆଜି ତାହାର ସକଳ ଅତୀତ ସମ୍ବଳ ଭୁଲି ଯାଇଅଛି । କୋଣାର୍କ ଯେ ତାର ପୂର୍ବ ପୁରୁଷମାନେ ନିଜହାତରେ ଗଢ଼ିଥିଲେ ସେ କଥା ଆଜି ତାକୁ ଶିଖାଇଲେ ସୁଦ୍ଧା, ସେ ବିଶ୍ୱାସ କରୁ ନାହିଁ !

LXX

ସହରମାନଙ୍କରେ ମ୍ୟୁନିସିପାଲିଟି ଅଛି । ଦାଣ୍ଡ ବାଟ ଘାଟ ସଫା ରହିବାର ବନ୍ଦୋବସ୍ତ ଅଛି । ଦୂଷିତ କୂଅ ବା ପୋଖରୀରୁ ପାଣି ପିଇବାକୁ ଲୋକଙ୍କୁ ବାରଣ କରାଯାଏ । ପିଇବାକୁ ଭଲ ପାଣି ଯୋଗାଇ ବାର ବ୍ୟବସ୍ଥା

Digitized by srujanika@gmail.com

ମଧ୍ୟ ଥାଏ । ଯେଉଁ ଗୋଟିଏ ଗୋଟିଏ କୂଅ ପାଣି ଖୁବ୍ ଭଲ, ସୁସ୍ୱାଦୁ ଓ ସ୍ୱାସ୍ଥ୍ୟକର ତାହା ଦୂର ହେଲେ ସୁଦ୍ଧା ବଡ଼ଲୋକେ ସେହି କୂଅରୁ ପାଣି ଅଣାଇ ପିଇଥାନ୍ତି । ଲୋକେ କୂଅ ବା ପୋଖରୀର ଅପରିଷ୍କାର ନ କରିବା ଲାଗି ପୁଲିସି ଜଗୁଆଳ ଥାଏ । କେହି ଅପରିଷ୍କାର କଲେ ସେଥିଲାଗି ଦଣ୍ଡ ପାଆନ୍ତି । ଯେ ସବୁ ଖାଦ୍ୟ ଜିନିଷ ବଜାରରେ ବିକ୍ରୀ ହୁଏ, ତାହାର ଦୋଷ ଗୁଣ ପରୀକ୍ଷା କରିବା ଲାଗି ଡାକ୍ତର ନିଯୁକ୍ତ ଥାନ୍ତି । କେହି ପଚି ଅସ୍ୱାସ୍ଥ୍ୟକର ଖରାପ ଜିନିଷ ବିକିବାର ଦେଖାଗଲେ ଦଣ୍ଡ ପାଏ । ଏହା ଛଡ଼ା ଲୋକଙ୍କ ଘର କରିଲ ଜାଗାରେ କିପରି ନକସାରେ ହେବ ମ୍ୟୁନିସିପାଲିଟି ଦେଖି ଗୃହ ମଞ୍ଜୁର କରନ୍ତି । ଘରକୁ ଯେପରି ଭଲ ପବନ ଓ ଆଲୁଅ ଯାଇ ପାରିବ, ଘର ସନ୍ତସନ୍ତିଆ ନ ହେବ, ଘର ଭିତରେ ବା ବାହାରେ ମଇଳା ଜମି ନ ରହିବ ଇତ୍ୟାଦି ବିଷୟ ପ୍ରତି ଅତି ତୀକ୍ଷ୍ଣ ଦୃଷ୍ଟି ଦିଆଯାଇ ଥାଏ । ଲୋକଙ୍କର ରୋଗ ବ୍ୟାଧି ନ ହେବ, ସେମାନେ ସୁସ୍ଥ ଓ ସବଳ ରହିବେ ବୋଲି ଏତେ ଆୟୋଜନ ଥିଲେ ସୁଦ୍ଧା ସହରମାନଙ୍କରେ ସରକାରୀ, ମ୍ୟୁନିସିପାଲିଟି ଓ ଧର୍ମାର୍ଥ ଡାକ୍ତରଖାନା ଛଡ଼ା ଆଉ ଅନେକ ଡାକ୍ତର, କବିରାଜ, ହୋମିଓପାଥଙ୍କର ଦୋକାନ ଥାଏ । ସେମାନଙ୍କ ମଧ୍ୟରୁ ଅନେକେ ବ୍ୟବସାୟରୁ ବହୁତ ଉପାର୍ଜନ କରନ୍ତି । ଏ ସବୁ ଥାଇ ମଧ୍ୟ କେତେ ସହରରେ ସବୁବେଳେ କିଛି ଗୋଟାଏ ନା ଗୋଟାଏ ରୋଗ ଲାଗି ରହିଥାଏ । କେଉଁ ସମୟରେ କଲେରା, କେବେ ମେଲେରିଆ, କେବେ ପ୍ଲେଗ ବା ବସନ୍ତ ଇତ୍ୟାଦି ସଂକ୍ରାମକ ରୋଗରେ ଅନେକ ସହର ଆକ୍ରାନ୍ତ ହୋଇଥାଏ ।

LXXI

